ବର୍ଷ-୨୫, ସଂଖ୍ୟା-୧୩୯
ଭୁବନେଶ୍ୱର
୨୨, ମଇ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 139
Bhubaneswar
22,May, 2025, Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମୋଦିଙ୍କ ଫଟୋ ଥିବା
ନେକଲେସ୍ ପିନ୍ଧି ରୁଚି ଗୁର୍ଜ୍ଜ

# ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି : ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱଛୁଟି

ଭୁବନେଶ୍ୱର,୨୧।୫(ମହାଭାରତ): ଜଣେ ମହିଳା ସରକାରୀ କର୍ମଚାରୀ ଦୁଇଟିରୁ କମ୍ ଜୀବିତ ପିଲାଙ୍କ ପାଇଁ, ମାତୃତ୍ୱ ସମୟରେ ୧୮୦ ଦିନ ପର୍ଯ୍ୟନ୍ତ ଛୁଟି ପାଇବାର ନିୟମ ରହିଛି। କିନ୍ତୁ ମାତୃତ୍ୱ ଛୁଟି କେଉଁ ଅବଧି ଭିତରେ ନିଆଯାଇପାରିବ, ସେ ବିଷୟରେ କିଛିଟା ଦ୍ୱନ୍ଦ୍ୱ ଥିଲା । ଏବେ ସେହି ଦ୍ୱନ୍ଦ୍ୱ ଦୂର ହୋଇଛି। ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ ସମୟରେ ୧୮୦ ଦିନର ଛୁଟି କେଉଁ ପରିସ୍ଥିତିରେ କିପରି ନେବେ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିୟମ ସ୍ଥିରୀକୃତ କରାଯାଇଛି।



ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି। ଏହା ଦ୍ୱାରା ମହିଳା ସରକାରୀ କର୍ମଚାରୀ ମାନେ ମାତୃତ୍ୱ କ୍ଷେତ୍ରରେ ଛୁଟି ପାଇବାରେ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଥିଲେ ତାହା ଦୂର ହୋଇଛି।

ଏହା ସହିତ, ଜଣେ ମହିଳା ସରକାରୀ କର୍ମଚାରୀ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନ ଥାଇ, ପରବର୍ତ୍ତୀ ସମୟରେ ସେବାରେ ଯୋଗ ଦେବା ପରେ, ମାତୃତ୍ୱ ଛୁଟି ଉପଲବ୍ଧ କରିବା ଉପରେ ମଧ୍ୟ ଦ୍ୱନ୍ଦ୍ୱ ଥିଲା । ସେ ସମସ୍ୟା ମଧ୍ୟ ଦୂର ହୋଇ ପାରିଛି। ଏହା ସହିତ ଗର୍ଭପାତ, ଜନ୍ମିତ ଶିଶୁର ମୃତ୍ୟୁ ଓ ମୃତ ଶିଶୁ ଜନ୍ମ କ୍ଷେତ୍ରରେ ମଧ୍ୟ ଛୁଟି ନେବାର ନିର୍ଦ୍ଦିଷ୍ଟ ନିୟମ କରାଯାଇଛି।

ନୂତନ ନିଷ୍ପତ୍ତି ଅନୁଯାୟୀ- ସମ୍ଭାବ୍ୟ ପ୍ରସବ ତାରିଖର ତିନି ମାସ ପୂର୍ବରୁ ଏବଂ ପ୍ରସବ ତାରିଖର ଛଅ ମାସ ମଧ୍ୟରେ, ଜଣେ ମହିଳା ସରକାରୀ କର୍ମଚାରୀ ୧୮୦ ଦିନର ମାତୃତ୍ୱ ଛୁଟି ନେଇପାରିବେ ।କିନ୍ତୁ, ଜଣେ ମହିଳା ସରକାରୀ କର୍ମଚାରୀ ଯିଏ ଶିଶୁ ଜନ୍ମ ସମୟରେ ସରକାରୀ ସେବାରେ ନଥିଲେ, ସେ ସରକାରୀ ସେବାରେ ଯୋଗ ଦେବା ପରେ, ତାଙ୍କର ଶିଶୁକୁ ଛଅ ମାସ ହେବା ପର୍ଯ୍ୟନ୍ତ ମାତୃତ୍ୱ ଛୁଟି ନେଇପାରିବେ । ତେଣୁ ଏହି କ୍ଷେତ୍ରରେ, ମାତୃତ୍ୱ ଛୁଟି ୧୮୦ ଦିନରୁ କମ୍ ହେବ ।

ଜଣେ ମହିଳା ସରକାରୀ କର୍ମଚାରୀ ମାତୃତ୍ୱ ଛୁଟିରେ ଥିବା ସମୟରେ ଯଦି ଗର୍ଭପାତ କିମ୍ବା ଜନ୍ମିତ ଶିଶୁର ମୃତ୍ୟୁ (ଜନ୍ମର ୨୮ ଦିନ ମଧ୍ୟରେ) କିମ୍ବା ମୃତ ଶିଶୁ ଜନ୍ମ (୨୮ ସପ୍ତାହ କିମ୍ବା ତଦୁର୍ଦ୍ଧ୍ୱ ସମୟର ଗର୍ଭଧାରଣ ପରେ ଯଦି ନିର୍ଜୀବ ଶିଶୁର ଜନ୍ମ ହୁଏ) ହୁଏ, ତେବେ ତାଙ୍କର ମାତୃତ୍ୱ ଛୁଟିର ଅବଧି ସେହି ତାରିଖରୁ ୪୨ ଦିନ ପର୍ଯ୍ୟନ୍ତ ରହିବ ।

କିନ୍ତୁ ଯଦି ଶିଶୁର ମୃତ୍ୟୁ ଜନ୍ମର ୨୯ ଦିନରୁ ୧୨୦ ଦିନ ମଧ୍ୟରେ ହୁଏ, ତେବେ ସମ୍ପୃକ୍ତ ମହିଳା ସରକାରୀ କର୍ମଚାରୀଙ୍କ ମାତୃତ୍ୱ ଛୁଟି ସେହି ଦୁର୍ଘଟଣା ଦିନଠାରୁ ୧୪ ଦିନ ପର୍ଯ୍ୟନ୍ତ ରହିବ । ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଶେଷ ହୋଇଯାଇଥିବ, ତେବେ ସେ ୧୪ ଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ କିମ୍ବା ଯଦି ତାଙ୍କର ମାତୃତ୍ୱ ଛୁଟିର ଅବଧି ଦୁର୍ଘଟଣା ଦିନଠାରୁ ୧୪ ଦିନ ଭିତରେ ଶେଷ ହୋଇଯାଉଥିବ, ତେବେ ସେ ୧୪ ଦିନରୁ ଯେତିକି ଦିନ ବଳକା ରହିଯାଉଥିବ, ସେତିକିଦିନର ସ୍ୱତନ୍ତ୍ର ମାତୃତ୍ୱ ଛୁଟି ପାଇବେ ।ଦୁଇଟିରୁ କମ୍ ଜୀବିତ ପିଲା ଥିବା ମହିଳା ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ, ଏହି ମାତୃତ୍ୱ ଛୁଟି ପ୍ରଦାନ କରାଯିବ । ଶିଶୁ ପ୍ରସବ ଯେକୌଣସି ସ୍ୱୀକୃତିପ୍ରାପ୍ତ ଚିକିତ୍ସାଳୟରେ ହେବା ଆବଶ୍ୟକ ।

# ଟପ୍ ମାଓ ନେତା ସହ ୨୭ ନକ୍ସଲ ନିପାତ୍

**ନାରାୟଣପୁର(ଛତିଶଗଡ଼),୨୧।୫(ମହାଭାରତ):** ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଅବୁଝମାଡ଼ ଜଙ୍ଗଲରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୨୭ ଜଣ ନକ୍ସଲ ନିହତ ହୋଇଛନ୍ତି। ଏହି ଏନକାଉଣ୍ଟର ବେଳେ ଜଣେ ଯବାନ ସହିଦ ହୋଇଥିବା ବେଳେ ଅନ୍ୟ ଜଣେ ଯବାନ ଆହତ ହୋଇଛନ୍ତି ଆହତ ଯବାନ ବିପଦମୁକ୍ତ ଅଛନ୍ତି। ଏହି ଏନକାଉଣ୍ଟରରେ ଦେଢ କୋଟି ପୁରସ୍କାର ଥିବା ଦୁର୍ଦ୍ଦାନ୍ତ ନକ୍ସଲ ନେତା ନମ୍ବାଲା କେଶବ ରାଓ ଓରଫ ବାସବରାଜର ମଧ୍ୟ ମୃତ୍ୟୁ ଘଟିଛି। ସୁରକ୍ଷାକର୍ମୀଙ୍କ ବଡ଼ଧରଣର ସଫଳତା ପରେ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହା।

ଅବୁଝମାଡ଼ ଜଙ୍ଗଲରେ ନକ୍ସଲଙ୍କର କିଛି ଟପ୍ ନେତା ଉପସ୍ଥିତ ଥିବା ନେଇ ଛତିଶଗଡ଼ ପୁଲିସକୁ ଗୁଇନ୍ଦା ସୂଚନା ମିଳିଥିଲା ଏହି ସୂଚନା ଆଧାରରେ ନାରାୟଣପୁର, ବିଜାପୁର ଓ ଦନ୍ତେୱାଡା ଜିଲ୍ଲାର ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ (ଡିଆରଜି) ଯବାନମାନେ ବୁଧବାର ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ସର୍ଚ୍ଚ ଅପରେସନ ବେଳେ ସେମାନେ ନକ୍ସଲମାନଙ୍କୁ ଘେରି ଯାଇଥିଲେ। ଏହା ପରେ ଉଭୟ ପକ୍ଷ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏଥିରେ ୨୭ ଜଣ ନକ୍ସଲଙ୍କ ମୃତ୍ୟୁ ଘଟିଥିବା ବେଳେ କିଛି ଟପ୍ ନକ୍ସଲ ମଧ୍ୟ ଥିବା କୁହାଯାଉଛି। ଏନକାଉଣ୍ଟର ଶେଷ ହୋଇଥିବା ବେଳେ ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।

ଏହି ଏନକାଉଣ୍ଟରରେ ଦୁର୍ଦ୍ଦାନ୍ତ ନକ୍ସଲ ନେତା ନମ୍ବାଲା କେଶବ ରାଓ ଓରଫ ବାସବରାଜର ମଧ୍ୟ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମଧ୍ୟ ବାସବରାଜ ନିହତ ହୋଇଥିବା ନେଇ ତାଙ୍କ ଏକ୍ସ କରିଥିବା ଏକ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ବାସବରାଜର ମୁଣ୍ଡ ଉପରେ ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି ଥିଲା।

କେନ୍ଦ୍ରୀୟ ମାଓ ସଂଗଠନର ଅନ୍ୟତମ ତୁଙ୍ଗ ନେତା ଥିଲା ବାସବରାଜ। ସିପିଆଇ ମାଓବାଦୀର ସେ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲା। ନକ୍ସଲ ନେତା ଗଣପତିଙ୍କ ପରେ ୨୦୧୮ରୁ ସାଧାରଣ ସଂପାଦକ ଦାୟିତ୍ୱରେ ଥିଲା ବାସବରାଜ। ଏନଆଇଏର ମୋଷ୍ଟ ୱାଣ୍ଟେଡ ତାଲିକାରେ ଥିବା ବାସବରାଜ ମୁଣ୍ଡରେ ଥିଲା ଦେଢ଼ କୋଟି ଟଙ୍କାର ପୁରସ୍କାର ରାଶି। ଛତିଶଗଡ଼, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନା ସରକାରଙ୍କ ପାଇଁ ସେ ଥିଲା ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ କେନ୍ଦ୍ରୀୟ ସାମରିକ କମିଶନ (ସିଏମସି)ର ମୁଖ୍ୟ ଥିଲା। ବାସବରାଜ ଗରିଲା ଯୁଦ୍ଧ, ସାମରିକ କୌଶଳ ଓ ଆଇଇଡି ପ୍ରସ୍ତୁତିରେ ବେଶ୍ ଦକ୍ଷ ଥିଲା। ସେ ଏକାଧିକ ବଡ଼ ମାଓ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା। ବାସବରାଜ ୨୦୧୦ ଦାନ୍ତେୱାଡ଼ା ହମଲା (୭୬ ସିଆରପିଏଫ୍ ଯବାନ ନିହତ), ୨୦୧୩ ଜୀରାମ ଘାଟି ହମଲା (ବହୁ ରାଜନେତାଙ୍କ ସହ ୨୭ ନିହତ), ୨୦୧୮ରେ ଆରାକୁର ଜଣେ ବିଧାୟକ ଓ ଜଣେ ପୂର୍ବତନ ବିଧାୟକଙ୍କୁ ହତ୍ୟାରେ ତାର ସଂପୃକ୍ତି ଥିଲା।





୧୯୫୫ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲ୍ଲାର ଜିୟାନ୍ନାପେଟ ଗାଁରେ ଜନ୍ମ ହୋଇଥିଲା ବାସବରାଜ। ୱାରେଙ୍ଗଲର ରିଜିଓନାଲ ଇଞ୍ଜିନିୟରିଂ କଲେଜରୁ ବି.ଟେକ୍ ଡିଗ୍ରୀ ହାସଲ କରିଥିଲା। ୧୯୭୦ ଦଶକରେ ଆରଏସୟୁ ଜରିଆରେ ବାମପନ୍ଥୀ ଛାତ୍ର ରାଜନୀତିରେ ଯୋଗ ଦେଇଥିଲା ପରେ ସିପିଆଇ-ଏମଏଲ୍ ପିପୁଲ୍ସ ୱାର ଗ୍ରୁପରେ ସାମିଲ ହୋଇଥିଲା ।

୧୯୭୦ ଦଶକର ଶେଷ ଭାଗରୁ ମାଓ ସଂଗଠନରେ ସକ୍ରିୟ ଥିଲା। ୧୯୮୭ରେ ଏଲଟିଟିଇ ଯୋଦ୍ଧାଙ୍କ ସହ ପ୍ରଶିକ୍ଷଣ ନେଇଥିଲା। ଆକ୍ରମଣ କୌଶଳ ଓ ବିସ୍ଫୋରକ ପରିଚାଳନାରେ ସେ ଖୁବ୍ ଦକ୍ଷ ଥିଲା। ଛତିଶଗଡ଼, ତେଲଙ୍ଗାନା, ମହାରାଷ୍ଟ୍ର ଓ ଆନ୍ଧ୍ର-ଓଡ଼ିଶା ସୀମା ନକ୍ସଲ କାର୍ଯ୍ୟକଳାପରେ ସକ୍ରିୟ ଥିଲା ବେଶ୍ କିଛି ଦିନ ଧରି ଛତିଶଗଡ଼ର ଅବୁଝମାଡ଼ ଅଞ୍ଚଳରେ ଆତ୍ମଗୋପନ କରିଥିଲା।

ସୂଚନାଯୋଗ୍ୟ, ଦୁଇ ସପ୍ତାହ ପୂର୍ବରୁ ତେଲଙ୍ଗାନା ସୀମାରେ ଛତିଶଗଡ଼ର ବିଜାପୁର ଜିଲ୍ଲାର କରେଗୁଟ୍ଟା ହିଲ୍ସରେ ସୁରକ୍ଷାକର୍ମୀଙ୍କ ଏନ୍‌କାଉଣ୍ଟରରେ ୧୫ ଜଣ ନକ୍ସଲ ନିହତ ହୋଇଥିଲେ।

କେନ୍ଦ୍ର ଗୃହ ମନ୍ତ୍ରୀ ତାଙ୍କ ଏକ୍ସରେ ଲେଖିଛନ୍ତି, ନକ୍ସଲଙ୍କ ମୂଳୋତ୍ପାଟନ ଦିଗରେ ଏକ ବଡ଼ ସଫଳତା ମିଳିଛି। ଆଜି ଛତିଶଗଡ଼ର ନାରାୟଣପୁରରେ ଏକ ଅପରେସନରେ ଆମ ସୁରକ୍ଷା ବଳ ୨୭ ଜଣ ଦୁର୍ଦ୍ଦାନ୍ତ ନକ୍ସଲଙ୍କ ନିପାତ କରିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ନମ୍ବାଲା କେଶବ ରାଓ ଓରଫ ବାସବରାଜ ସେ ସିପିଆଇ-ମାଓବାଦୀର ସାଧାରଣ ସଂପାଦକ ତଥା ଟପ୍ ନକ୍ସଲ ନେତା ଥିଲେ। ନକ୍ସଲ ଆନ୍ଦୋଳନର ସେ ଥିଲେ ମେରୁଦଣ୍ଡ। ନକ୍ସଲ ବିରୋଧରେ ଚାଲିଥିବା ଯୁଦ୍ଧରେ ଗତ ତିନି ଦଶନ୍ଧିରେ ପ୍ରଥମ ଥର ପାଇଁ ଜଣେ ସାଧାରଣ ସଂପାଦକ ସ୍ତରର ନେତାଙ୍କୁ ଆମ ସୁରକ୍ଷା ବଳ ନିପାତ କରିଛି। ଏହି ଅପରେସନ ପାଇଁ ଅମିତ ଶାହ ସୁରକ୍ଷା ବଳ ଓ ସଂସ୍ଥାଗୁଡ଼ିକୁ ପ୍ରଶଂସା କରିଛନ୍ତି।

## ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ

# ମୋଟ୍ ପାସ୍ ହାର ୮୨.୭୭ ପ୍ରତିଶତ

**ଭୁବନେଶ୍ୱର,୨୧।୫(ମହାଭାରତ):** ପ୍ରକାଶ ପାଇଲା ଯୁକ୍ତ ଦୁଇ ପରୀକ୍ଷା ଫଳ । ଏକା ସାଙ୍ଗରେ ବିଜ୍ଞାନ, କଳା, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି । ବୁଧବାର ଅପରାହ୍ନ ୪ ଟା ସମୟରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ପରୀକ୍ଷା ଫଳ ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଚଳିତ ବର୍ଷ ସମୁଦାୟ ପାସ୍‌ହାର ୮୨.୭୭ ପ୍ରତିଶତ ରହିଛି । ଏଥିରେ ଛାତ୍ରଙ୍କ ପାସ୍ ହାର ୭୭.୮୮ ପ୍ରତିଶତ ଥିବା ବେଳେ ୮୭.୨୪ ପ୍ରତିଶତରେ ଛାତ୍ରୀ ଆଗୁଆ ରହିଛନ୍ତି। ସେହିପରି ବିଜ୍ଞାନରେ ପାସ୍ ହାର ୮୭.୪୯ ପ୍ରତିଶତ, କଳାରେ ପାସ୍ ହାର ୮୦.୫୧ ପ୍ରତିଶତ, ବାଣିଜ୍ୟରେ ପାସ୍ ହାର ୮୩.୨ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୬୦.୫୭ ପ୍ରତିଶତ ରହିଛି । ଛାତ୍ରଛାତ୍ରୀମାନେ ସେମାନଙ୍କ ପରୀକ୍ଷା ଫଳ ଡବ୍ଲୁଡବ୍ଲୁଡବ୍ଲୁ.ସିଏଚଏସଇଓଡିଶା.ଏନଆଇସି.ଇନ୍ ଏବଂ ଏଚଟିଟିପି://ଓଡିଶାରେଜଲ୍ଟସ୍.ଏନଆଇସି.ଇନ୍ ୱେବସାଇଟରେ ଜାଣିପାରିବେ ।



ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ବର୍ଗରେ ମୋଟ୍ ୩ ଲକ୍ଷ ୮୨ ହଜାର ୭୨୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୩ ଲକ୍ଷ ୧୬ ହଜାର ୭୮୭ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ୧ ଲକ୍ଷ ୪୨ ହଜାର ୫୧୨ ଜଣ ଛାତ୍ର ପାସ୍ ହୋଇଥିବା ବେଳେ ୧ ଲକ୍ଷ ୭୪ ହଜାର ୨୫୧ ଜଣ ଛାତ୍ରୀ ପାସ୍ ହୋଇଛନ୍ତି । ସେହିପରି ପ୍ରଥମ ଶ୍ରେଣୀରେ ୧ ଲକ୍ଷ ୧ ହଜାର ୯୧୪ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୬୭ ହଜାର ୮୧୫ ଜଣ ଓ ତୃତୀୟ ଶ୍ରେଣୀରେ ୧ ଲକ୍ଷ ୪୩ ହଜାର ୩୩୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି, ସେହିପରି ଆଂଶିକ ବର୍ଗ ବା କମ୍ପାର୍ଟମେଣ୍ଟାଲରେ ୩ ହଜାର ୭୧୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ୧ ଲକ୍ଷ ୯୬ ହଜାର ୧୭୧ ଜଣ ପିଲା ଥିବା ବେଳେ ବିଜ୍ଞାନରେ ୯୯ ହଜାର ୭୨୪ , ବାଣିଜ୍ୟରେ ୨୦ ହଜାର ୮୯୨ ଓ ଧନ୍ଦାମୂଳକ ଶିକ୍ଷାରେ ୩ ହଜାର ୩୭୫ ଜଣ ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ବରଗଡ଼ ଜିଲ୍ଲା ୮୭.୬୦ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ନବରଙ୍ଗପୁର ଜିଲ୍ଲାରେ ସର୍ବନିମ୍ନ ୬୮.୧୩ ପ୍ରତିଶତ ରହିଛି । ବିଜ୍ଞାନରେ ନୟାଗଡ଼ ଜିଲ୍ଲା ୯୭.୫୮ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବୌଦ୍ଧ ଜିଲ୍ଲାରେ ସର୍ବନିମ୍ନ ୭୧.୮୫ ପ୍ରତିଶତ ରହିଛି । ବାଣିଜ୍ୟରେ ନୟାଗଡ଼ ଜିଲ୍ଲା ୯୩.୭୧ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ବଲାଙ୍ଗୀର ଜିଲ୍ଲାରେ ସର୍ବନିମ୍ନ ୬୯.୧୯ ପ୍ରତିଶତ ଉତ୍ତୀର୍ଣ୍ଣ ହାର ରହିଛି । ଧନ୍ଦାମୂଳକ ଶିକ୍ଷାରେ ବାଲେଶ୍ୱର ଜିଲ୍ଲା ୮୩.୮୩ ପ୍ରତିଶତରେ ସର୍ବାଧିକ ଉତ୍ତୀର୍ଣ୍ଣ ହାର ଥିବା ବେଳେ ମାଲକାନଗିରି ଜିଲ୍ଲା ସର୍ବନିମ୍ନ ରହିଛି । ସୂଚନାନୁସାରେ, ପରୀକ୍ଷା ଫଳ, ମାର୍କସିଟ୍ ସମ୍ପର୍କିତ କୌଣସି ସମସ୍ୟା କିମ୍ବା ଦ୍ୱନ୍ଦ୍ୱ ଉପୁଜିଲେ ସହାୟତା ନମ୍ବର ୦୬୭୪-୨୩୦୦୯୦୭ ରେ ଛାତ୍ରଛାତ୍ରୀ ସମ୍ପର୍କ କରିପାରିବେ । ତେବେ ଖାତା ଚିକେକିଂ ପାଇଁ ଆସନ୍ତା ୭ ଦିନ ମଧ୍ୟରେ ତାରିଖ ଘୋଷଣା କରାଯିବ । ୱେବସାଇଟ୍ ମାଧ୍ୟମରେ ରୋଲ୍ ନମ୍ବର ଓ ପଞ୍ଜୀକରଣ ନମ୍ବର ଦେଇ ମାର୍କସିଟ୍ ଡାଉନଲୋଡ୍ କରିପାରିବେ ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଚଳିତ ବର୍ଷର ପରୀକ୍ଷା ଫଳ ସମ୍ପର୍କରେ ଖୁସି ବ୍ୟକ୍ତ କରିବା ସହ ପିଲାମାନଙ୍କର ସଫଳ ଭବିଷ୍ୟତର କାମନା କରିଛନ୍ତି । ଚଳିତ ବର୍ଷ ଉତ୍କୃଷ୍ଟ ପରୀକ୍ଷା ଫଳ ହୋଇଥିବା ସେ ମଧ୍ୟ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶ୍ରୀମତୀ ଶାଳିନୀ ପଣ୍ଡିତ, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର, ମାଧ୍ୟମିକ ଶିକ୍ଷା ପରିଷଦର ସଚିବ ଶ୍ରୀମତୀ ଶୁଭ୍ରାବାଳା ବେହେରା, ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ତ୍ରି-ସ୍ତରୀୟ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ

**ଭୁବନେଶ୍ୱର,୨୧।୫(ମହାଭାରତ):** ବହୁ ପ୍ରତୀକ୍ଷିତ ତ୍ରି-ସ୍ତରୀୟ ପଞ୍ଚାୟତ ଉପନିର୍ବାଚନକୁ ରାଜ୍ୟ ସରକାର ସ୍ଥଗିତ ରଖିଛନ୍ତି ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ନେଇ ରାଜ୍ୟ ନିର୍ବାଚନ କମିସନ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ସେ କହିଛନ୍ତି, ଶୀଘ୍ର ମୌସୁମୀ ଆସୁଥିବାରୁ ପଞ୍ଚାୟତ ଉପନିର୍ବାଚନ ସ୍ଥଗିତ ଘୋଷଣା କରାଯାଇଛି। ଜିଲ୍ଲା ଅଧିକାରୀ ଓ ଆଶାୟୀ ପ୍ରାର୍ଥୀମାନେ ବର୍ଷା ଋତୁ ପାଇଁ ନିର୍ବାଚନ ସ୍ଥଗିତ ରଖିବାକୁ ପ୍ରସ୍ତାବ ଦେଇଥିଲେ ପରବର୍ତ୍ତୀ ତାରିଖ ସମୟ ଦେଖି ଘୋଷଣା କରାଯିବ। ଆସନ୍ତା ଜୁନ୍ ୨୩ରେ ଉପନର୍ବାଚନ ନେଇ ଗତକାଲି ବିଜ୍ଞପ୍ତି ପ୍ରକାଶ ପାଇଥିଲା ରାଜ୍ୟର ୧୧୩୧ଟି ଖାଲି ପଦ ପାଇଁ ଉପନିର୍ବାଚନ ହେବାର ଅଛି। ଆସନ୍ତା ଜୁନ ୨୩ ତାରିଖରେ ପଞ୍ଚାୟତ ଉପନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ୪୩ ସରପଞ୍ଚ, ୨୭୨ ୱାର୍ଡ ସଭ୍ୟ ପାଇଁ ଉପନିର୍ବାଚନ ହେବାର ଅଛି।

# ବିମାନରେ କୁଆପଥର ମାଡ଼

**ନୂଆଦିଲ୍ଲୀ,୨୧।୫(ମହାଭାରତ):** ଦିଲ୍ଲୀରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ମଙ୍ଗଳବାର ସନ୍ଧ୍ୟାରେ ମଝି ଆକାଶରେ ପ୍ରବଳ ଝଡ଼ବର୍ଷାର ସମ୍ମୁଖୀନ ହୋଇଥିଲା, ଯାହାଫଳରେ ପାଇଲଟ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି) ନିକଟରେ ଜରୁରୀ ସ୍ଥିତି ଘୋଷଣା କରିଥିଲେ।ଶ୍ରୀନଗର ପାଖେଇବା ସମୟରେ ଉଡ଼ାଣଟି ଏକ ଶିଳାବର୍ଷଣର ସମ୍ମୁଖୀନ ହୋଇଥିଲା ଏହି ଘଟଣାରେ ବିମାନର ନାକ କୋନ (ନୋଜ କୋନ) କ୍ଷତିଗ୍ରସ୍ତ ହୋଇଥିଲା, କିନ୍ତୁ କ୍ରୁ ସଦସ୍ୟମାନେ ବିମାନଟିକୁ ଶ୍ରୀନଗର ବିମାନବନ୍ଦରରେ ସନ୍ଧ୍ୟା ୬.୩୦ରେ ନିରାପଦରେ ଅବତରଣ କରାଇଥିଲେ। ସମସ୍ତ ଏୟାରକ୍ରୁ ଓ ୨୨୭ ଯାତ୍ରୀ ନିରାପଦ ଅଛନ୍ତି ଏବଂ ଏୟାରଲାଇନ ଦ୍ୱାରା ଉଡ଼ାଣଟିକୁ ଏଓଜି ଘୋଷଣା କରାଯାଇଛି।



ଦିଲ୍ଲୀରୁ ଶ୍ରୀନଗର ଅଭିମୁଖେ ଯାଉଥିବା ଇଣ୍ଡିଗୋ ବିମାନ ଖରାପ ପାଗ (ଶିଳାବର୍ଷଣ) ସାମ୍ନା କରିଥିଲା, ପାଇଲଟ ଶ୍ରୀନଗର ଏଟିସିକୁ ଜରୁରୀ ସ୍ଥିତି ରିପୋର୍ଟ କରିଥିଲେ, ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷର ଜଣେ ଅଧିକାରୀ କହିଛନ୍ତି।ଇଣ୍ଡିଗୋ ମଧ୍ୟ ଏହି ଘଟଣା ସମ୍ପର୍କରେ ଏକ ଅଫିସିଆଲ ବିବୃତି ଜାରି କରି କହିଛି ଯେ ବିମାନଟି ଶ୍ରୀନଗର ବିମାନବନ୍ଦରରେ ନିରାପଦରେ ଅବତରଣ କରିଛି ।ବୁଧବାର ସନ୍ଧ୍ୟାରେ ଦିଲ୍ଲୀ-ଏନସିଆରରେ ହଠାତ ଶିଳାବର୍ଷଣ ସହ ପ୍ରବଳ ବର୍ଷା ହୋଇଥିଲା, ଯାହା ପାଗରେ ଅଚାନକ ପରିବର୍ତ୍ତନ ଆଣିଥିଲା। ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଅନୁସାରେ, ହରିୟାଣା ଓ ନିକଟବର୍ତ୍ତୀ ଅଞ୍ଚଳରେ ଏକ ସାଇକ୍ଲୋନିକ ସର୍କୁଲେସନ ଏବଂ ପଞ୍ଜାବରୁ ବାଂଲାଦେଶ ପର୍ଯ୍ୟନ୍ତ ବିସ୍ତୃତ ଏକ ପୂର୍ବ-ପଶ୍ଚିମ ଟ୍ରଫ ନିମ୍ନ ଟ୍ରୋପୋସ୍ଫେରିକ ସ୍ତରରେ ଏହି ପାଗ ପରିବର୍ତ୍ତନର କାରଣ ହୋଇଛି। ଏହି ଅଚାନକ ପାଗ ବିଘ୍ନ ଯୋଗୁଁ ଇନ୍ଦିରା ଗାନ୍ଧୀ ଆନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଅନେକ ଘରୋଇ ଓ ଆନ୍ତର୍ଜାତୀୟ ଉଡ଼ାଣ ସ୍ଥଗିତ କିମ୍ବା ଅନ୍ୟତ୍ର ଡାଇଭର୍ଟ ହୋଇଥିଲା।

ଜଣେ ଯାତ୍ରୀଙ୍କ ଦ୍ୱାରା ବିମାନ ଭିତରୁ ରେକର୍ଡ କରାଯାଇଥିବା ଏକ ଭାଇରାଲ ଭିଡିଓରେ ଦେଖାଯାଇଛି ଯେ, ଶିଳାବର୍ଷଣ ବିମାନର ଫ୍ୟୁଜଲେଜକୁ ନିରନ୍ତର ଆଘାତ କରୁଛି, ଯାହାଫଳରେ କେବିନ ପ୍ରବଳ ଭାବେ କମ୍ପିଥିଲା ଭିଡିଓଟି ଯାତ୍ରୀମାନଙ୍କ ମଧ୍ୟରେ ଦୃଶ୍ୟମାନ ଆତଙ୍କ ଓ ଚିତ୍କାର କରୁଥିବା ଦେଖାଯାଇଛି, ଯେତେବେଳେ ବିମାନଟି ପ୍ରବଳ ଝଡ଼ଝଞ୍ଜା ସହ ସଂଘର୍ଷ କରୁଥିଲା। ଘଟଣାସ୍ଥଳରୁ ରିପୋର୍ଟ ଅନୁସାରେ, ଅବତରଣ ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ନିରାପଦରେ ବିମାନରୁ ବାହାର କରାଯାଇଥିଲା।

# କନ୍ୟା ବିବାହ ଯୋଜନାରେ ବିଧବା ଝିଅମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ପରାମର୍ଶ

ଭୁବନେଶ୍ୱର,୨୧।୫(ମହାଭାରତ): ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ କାର୍ଯ୍ୟକାରୀ ହେଉଥିବା 'ଆମେ ପଢିବା ଆମ ଭାଷାରେ' ଏବଂ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେବାକୁ ଥିବା 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ସମ୍ପର୍କରେ ସମୀକ୍ଷା କରିଛନ୍ତି।

ବର୍ତ୍ତମାନ ରାଜ୍ୟର ୧୫ଟି ଜିଲ୍ଲାର ୧୦,୬୨୯ଟି ଅଙ୍ଗନବାଡି କେନ୍ଦ୍ରରେ ୧୭ଟି ଦେଶୀୟ ଭାଷାରେ ପିଲାମାନଙ୍କୁ ପ୍ରାରମ୍ଭିକ ଶ୍ରେଣୀରେ ନିଜ ମାତୃଭାଷାରେ ଶିକ୍ଷାଦାନ କରାଯାଉଛି। ଏହି ସବୁ ଭାଷା ଗୁଡିକ ହେଲା ଦେଶୀଆ, ଭୂମିଜ, ବିଂଝାଲ, ଗୋଣ୍ଡି, ହୋ, ସାଦ୍ରି, ଖଡିଆ, ବଣ୍ଡା, ମୁଣ୍ଡା, କୋୟା, କୁଭି, କୁଇ, ସଉରା, ସାନ୍ତାଳୀ, ଓରାମ୍, କିଶାନ୍ ଏବଂ ଜୁଆଙ୍ଗ। ସୂଚନାଯୋଗ୍ୟ ଯେ ଅଙ୍ଗନବାଡି କେନ୍ଦ୍ର ମାନଙ୍କରେ ଏହି ମାତୃଭାଷା ଭିତ୍ତିକ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଗ୍ରହଣ କରିବାରେ ଓଡିଶା ଦେଶରେ ପ୍ରଥମ। ଜାତୀୟ ଶିକ୍ଷାନୀତି ୨୦୨୦ ରେ ମଧ୍ୟ ଏହି ବହୁଭାଷୀ ପ୍ରାକ୍ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି।

ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମ ସମ୍ବନ୍ଧରେ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ଫାଉଣ୍ଡେସନ୍ ଷ୍ଟେଜ୍ ରେ ନିଜ ମାତୃଭାଷାରେ ପିଲାକୁ ଶିକ୍ଷା ପ୍ରଦାନ କଲେ ତାର ଆତ୍ମ ବିଶ୍ୱାସ ବଢିବ ଏବଂ ଆଗାମୀ ଦିନରେ ପାଠ ପ୍ରତି ତାର ଆଗ୍ରହ ବଢିବା ସହିତ ସହଜ ମଧ୍ୟ ହେବ। ପିଲା ମାନଙ୍କୁ ତାଙ୍କ ନିଜ ପରିବେଶରେ ସେ ଦେଖୁଥିବା ବସ୍ତୁ, ପ୍ରାଣୀ, କିମ୍ବା ବ୍ୟବହୃତ ସାମଗ୍ରୀ ସମ୍ପର୍କିତ ଚିତ୍ର ପ୍ରଦର୍ଶନ ମାଧ୍ୟମରେ ସଚିତ୍ର ପୁସ୍ତକ ପ୍ରକାଶନ ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ୨୦୧୪ରୁ ଏହା ଆରମ୍ଭ ହୋଇଛି, କିନ୍ତୁ ଏହାକୁ ଅଧିକ ଫଳପ୍ରଦ କରିବା ପାଇଁ ଅଧିକ ମାନବ ସମ୍ବଳ ସୃଷ୍ଟି ସହିତ ଅଙ୍ଗନବାଡି କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ।

# ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସମସ୍ୟା ଦୂର ପ୍ରମୁଖ ଲକ୍ଷ୍ୟ

**ଭୁବନେଶ୍ୱର,୨୧।୫(ମହାଭାରତ):** କଟକ-ଭୁବନେଶ୍ୱରର ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ନିମନ୍ତେ ଅପରାଧ ନିୟନ୍ତ୍ରଣ, ଆଇନଶୃଙ୍ଖଳା ରକ୍ଷା ଏବଂ ଟ୍ରାଫିକ୍ ସମସ୍ୟା ଦୂର କରିବା ଇତ୍ୟାଦିରେ ଆମ କମିଶନରେଟ ପୋଲିସ ଦକ୍ଷତାର ସହ କାର୍ଯ୍ୟ କରୁଛି ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର-କଟକ କମିଶନରେଟ ପୋଲିସର ୧୭ତମ ସ୍ଥାପନା ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି।

ଏହି ଉପଲକ୍ଷେ ଭୁବନେଶ୍ୱର ୭ ବାଟାଲିଅନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଦେଶରେ ଥିବା ସମସ୍ତ କମିଶନରେଟ ପୋଲିସ ମଧ୍ୟରେ ଭୁବନେଶ୍ୱର-କଟକ କମିଶନରେଟ ଏକ ଦକ୍ଷ, ଉନ୍ନତ, ଦାୟିତ୍ୱବାନ୍ ଓ ସମ୍ବେଦନଶୀଳ ପୋଲିସ ଭାବରେ ଜନସାଧାରଣଙ୍କୁ ସେବା ଯୋଗାଇ ଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଗତ ୧୧ ମାସ କମିଶନରେଟ ପୋଲିସ ପାଇଁ ଘଟଣା ବହୁଳ ଥିଲା। ଏହି ସମୟ ମଧ୍ୟରେ ଭୁବନେଶ୍ୱରରେ ଅନେକ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ସୁରକ୍ଷା ଦୃଷ୍ଟିରୁ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଭାବେ ଏସବୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହୋଇଛି। ଏ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ଏବଂ ଶୃଙ୍ଖଳାର ସହିତ ପାଳନ କରିବା ନିମନ୍ତେ ପୋଲିସବାହିନୀ ଅକ୍ଲାନ୍ତ ପରିଶ୍ରମ କରି ଓଡ଼ିଶାକୁ ଏକ ସୁଦକ୍ଷ ଓ ଆଦର୍ଶ ଆୟୋଜକର ମାନ୍ୟତା ଦେଇଛନ୍ତି। ସେ ପୁଣି କହିଥିଲେ ଯେ, ଆଜି ଭାରତ ମାନଚିତ୍ରରେ ଆମ ରାଜ୍ୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ବିକଶିତ ଭାରତ ଗଠନରେ ଓଡ଼ିଶାର ଅଗ୍ରଣୀ ଭୂମିକା ରହିବ ଏବଂ ଏଥିପାଇଁ ପୋଲିସର ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ରହିବ। ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା - ସମ୍ମିଳନୀରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ କାଉଣ୍ଟର ଟେରୋରିଜିମ, ଉପକୂଳ ସୁରକ୍ଷା, ସାଇବର କ୍ରାଇମ୍ ଓ ଅର୍ବାନ ପୋଲିସିଂରେ ରେ ଉନ୍ନତି ଆଣିବା ନିମନ୍ତେ ଗୁରୁତ୍ୱ ଦେଇଛନ୍ତି। ଏହା ଆମ କମିଶନରେଟ ପୋଲିସ ପାଇଁ ଏକ ବଡ଼ ଆହ୍ୱାନ। ଆମ ସରକାରଙ୍କ ପୂର୍ଣ୍ଣ ସହଯୋଗରେ ଓଡ଼ିଶା ପୋଲିସ ସେ ଆହ୍ୱାନକୁ ସଫଳତାର ସହ ସମ୍ମୁଖୀନ ହେବ।



ମୁଖ୍ୟମନ୍ତ୍ରୀ କହିଥିଲେ ଆମ ସରକାର, ଲୋକଙ୍କ ସରକାର। ପୋଲିସ ନିଜକୁ ଲୋକମାନଙ୍କ ବନ୍ଧୁ ଭାବେ ଭାବିବା ଉଚିତ। ଲୋକଙ୍କ ସୁବିଧା ଅସୁବିଧାରେ ରହି ସେମାନଙ୍କ ପାଇଁ ଆସୁଥିବା ସମସ୍ତ ଚ୍ୟାଲେଞ୍ଜକୁ ସାମ୍ନା କରି ଲୋକଙ୍କ ଧନ, ଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ଦରକାର ଆପଣମାନେ ଜନସାଧାରଣଙ୍କ ସମସ୍ତ ଅଭିଯୋଗ ଓ ଅସୁବିଧାକୁ ସମ୍ବେଦନଶୀଳ ଭାବେ ବିବେଚନା କରି ନ୍ୟାୟ ପ୍ରଦାନ କରିବା ଅତ୍ୟନ୍ତ ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମାଜର ସବୁ ସ୍ତରର, ସବୁ ବର୍ଗର ଲୋକଙ୍କୁ ଓ ସବୁ ଶ୍ରେଣୀର ଲୋକ ଯେପରି ପୋଲିସ ପାଖରୁ ଉପଯୁକ୍ତ ନ୍ୟାୟ ପାଇବେ ସେ ଦିଗରେ ପରାମର୍ଶ ଦେଇଥିଲେ। ସାଇବର ଅପରାଧକୁ ମୁକାବିଲା କରିବା ପାଇଁ ଟେକ୍ନିକାଲ ଗାଜେଟ୍ସ, ଇକ୍ୟୁପିମେଣ୍ଟସ ଇତ୍ୟାଦି ଯୋଗାଇ ଦେବା ପାଇଁ ସରକାର ବ୍ୟବସ୍ଥା କରିଛନ୍ତି।ସବୁ ଜିଲ୍ଲାରେ ସାଇବର ପୋଲିସ ଷ୍ଟେସନ ସ୍ଥାପନା ହୋଇଛି । ଆଗାମୀ ଦିନରେ ଏ ଗୁଡ଼ିକୁ ଆହୁରି ସଶକ୍ତ ଓ ସୁଦକ୍ଷ କରାଯିବ ବସ୍ତି ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଓ ଉତ୍ତମ ପରିବେଶ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ।

ସେ ଆହୁରି କହିଥିଲେ ଆମ ସରକାର ପୋଲିସ ବାହିନୀର ମାନବ ସମ୍ବଳ, ଭିତ୍ତିଭୂମି ଇତ୍ୟାଦିର ଉନ୍ନତି ପାଇଁ ପଦକ୍ଷେପ ନେଉଛନ୍ତି। ପୋଲିସ ଆଧୁନିକୀକରଣ ନିମନ୍ତେ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କ ଭିଜନ ସ୍ମାର୍ଟ ପୋଲିସିଂ ଉପରେ ଗୁରୁତ୍ୱ ଦେଇ ସ୍ମାର୍ଟ ପୋଲିସିଂ ଗଠନର ଉଦ୍ଦେଶ୍ୟକୁ ପୂରଣ କରିବା ନିମନ୍ତେ ଆମ ସରକାର ବଦ୍ଧପରିକର।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ରିଜର୍ଭ ପୋଲିସ ଲାଇନର ନବନିର୍ମିତ ୮୪ଟି ଏଫ୍ ଟାଇପ୍ କ୍ୱାର୍ଟର୍ସ, ବଡ଼ଗଡ଼ ଥାନା ଅଞ୍ଚଳରେ ୨୮ଟି ଡି ଟାଇପ୍ କ୍ୱାର୍ଟର୍ସ ଉଦ୍‌ଘାଟନ କରିବା ସହିତ କାର୍ଯ୍ୟକ୍ଷେତ୍ରରେ ନିଷ୍ଠା ଓ ଦକ୍ଷତା ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ ହୋଇଥିଲା । ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଥିଲେ ଯେ, କମିଶନରେଟ ପୋଲିସର ଏହି ୧୭ ବର୍ଷ ଯାତ୍ରା ଭିତରେ ଅନେକ ଆହ୍ୱାନର ସଫଳତାର ସହ ମୁକାବିଲା କରି ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ କମିଶନରେଟ ଭାବେ ଏହା ପ୍ରତିଷ୍ଠିତ ହୋଇଛି। ଅପରାଧ ନିରାକରଣ, ଅପରାଧର ଅନୁସନ୍ଧାନ ଏବଂ ଦୋଷୀଙ୍କୁ ନ୍ୟାୟିକ ଦଣ୍ଡ ଦେବା ବ୍ୟବସ୍ଥାରେ କମିଶନରେଟ ପୋଲିସ ପ୍ରଂଶସା ଯୋଗ୍ୟ ସଫଳତା ପାଇଛି।

## ଆଉ ଜଣେ ପାକିସ୍ତାନୀ ଅଧିକାରୀଙ୍କୁ ଲଗାମ

**ନୂଆଦିଲ୍ଲୀ,୨୧।୫:** ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ହାଇକମିଶନରେ କାର୍ଯ୍ୟରତ ଆଉ ଜଣେ ଅଧିକାରୀଙ୍କୁ ଭାରତ (ପର୍ସୋନା ନନ୍ ଗ୍ରାଟା) ଘୋଷଣା କରିଛି। ଏହି ପାକିସ୍ତାନୀ ଅଧିକାରୀଙ୍କୁ ୨୪ ଘଣ୍ଟା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ପାକିସ୍ତାନୀ ଅଧିକାରୀ ତାଙ୍କ ଅଧିକାର କ୍ଷେତ୍ର ବାହାରେ ଅନ୍ୟାନ୍ୟ ସନ୍ଦେହଜନକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବାରୁ ଭାରତ ସରକାର ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ପାକିସ୍ତାନ ହାଇକମିଶନରଙ୍କୁ ଭାରତରେ କୌଣସି ପାକିସ୍ତାନୀ କୂଟନୀତିଜ୍ଞ କିମ୍ବା ଅଧିକାରୀ ତାଙ୍କ ସୁବିଧା ଏବଂ ପଦବୀର ଅପବ୍ୟବହାର ନ କରିବା ନିଶ୍ଚିତ କରିବାକୁ କହିଥିଲେ।ଗୁପ୍ତଚର କାର୍ଯ୍ୟକଳାପରେ ଜଡିତ ଥିବାରୁ ଭାରତ ସରକାର ପୂର୍ବରୁ ପାକିସ୍ତାନୀ ଦୂତାବାସରେ କାର୍ଯ୍ୟରତ ଜଣେ ଅଧିକାରୀ ଆହସାନ-ଉର-ରହିମ ଓରଫ ଦାନିଶଙ୍କୁ ମେ ୧୩ ତାରିଖରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ଦାନିଶର ପାକିସ୍ତାନୀ ଗୁପ୍ତଚର ଯାତ୍ରା ବ୍ଲଗର୍ ଜ୍ୟୋତି ମାଲହୋତ୍ରାଙ୍କ ସହ ସମ୍ପର୍କ ଥିଲା।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



ଖବର

## ଜୀ ସାର୍ଥକରେ ଆସିବ ଫିଲ୍ମ 'ସତ୍ୟବାନର ସ୍ୱର୍ଗଯାତ୍ରା'



ମନୋରଞ୍ଜନ ଚ୍ୟାନେଲ, ଜୀ ସାର୍ଥକ ସବୁବେଳେ ଓଡ଼ିଆଙ୍କ ପସନ୍ଦକୁ ଗୁରୁତ୍ୱ ଦେଇ ଆସିଛି । ଦର୍ଶକେ ଦେଖିବାକୁ ଭଲ ପାଉଥିବା କାହାଣୀକୁ ଆଧାରିତ କରି ଅନେକ ଧାରାବାହିକ ସହିତ ବାସ୍ତବବାଦୀ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛି ଚ୍ୟାନେଲ । ସେହିପରି ଏକ ହାସ୍ୟଭରା ଓ ମନୋରଞ୍ଜନ ଭିତ୍ତିକ କାହାଣୀକୁ ନେଇ ଆସୁଛି ଫିଲ୍ମ 'ସତ୍ୟବାନର ସ୍ୱର୍ଗଯାତ୍ରା'। ଏହା ଜୀ ସାର୍ଥକରେ ଆସନ୍ତା ରବିବାର ସନ୍ଧ୍ୟା ୬:୩୦ରେ ପ୍ରସାରିତ ହେବ।ସବିତା ଏବଂ ସତ୍ୟବାନ ପାଞ୍ଚ ବର୍ଷ ଧରି ବିବାହିତ ହେଲେ ମଧ୍ୟ ଛୋଟ ଛୋଟ କଥା ପାଇଁ ତାଙ୍କ ଭିତରେ ସବୁବେଳେ ଝଗଡ଼ା ଲାଗି ରୁହେ । ଥରେ ସବିତା ଏକ ଟେଲିଭିଜନ ଚ୍ୟାନେଲର ଲୋକପ୍ରିୟ ରିଆଲିଟି ସୋ, ' ସାବିତ୍ରୀ ନମ୍ବର-୧ ' ପ୍ରତିଯୋଗିତାରେ ଭାଗ ନିଅନ୍ତି ଓ ଜିତିବାରେ ସାହାଯ୍ୟ କରିବାକୁ ସତ୍ୟବାନକୁ ଅନୁରୋଧ କରନ୍ତି ଏବଂ ପ୍ରତିଯୋଗିତାର ଆବଶ୍ୟକୀୟ ଜିନିଷଗୁଡ଼ିକର କିଣିବା ପାଇଁ ଏକ ଲମ୍ବା ତାଲିକା ଦିଅନ୍ତି। ଏପଟେ ସତ୍ୟବାନ ଏଇ ସବୁ କାମ କରିବା ଭିତରେ ବହୁତ ହତାଶ ଅନୁଭବ କରନ୍ତି ଏବଂ ମାନେ ମାନେ ଭାବନ୍ତି ଯେ ସେ ସାବିତ୍ରୀଙ୍କ ସତ୍ୟବାନ ପରି ବଞ୍ଚିବା ଅପେକ୍ଷା ମରିବାଟା ଭଲ । ଠିକ୍ ସେହି ସମୟରେ ସେଇ ବାଟ ଦେଇ ଯାଉଥିବା ଯମର ଦୂତମାନେ, ସତ୍ୟବାନଙ୍କ ଆତ୍ମାକୁ ଯମପୁରୀକୁ ନେଇଯାଆନ୍ତି ଓ ପ୍ରକୃତ କାହାଣୀ ସେତେବେଳେ ଆରମ୍ଭ ହୁଏ ।ତେବେ କଣ ହେବ ସତ୍ୟବାନ ଓ ସବିତାଙ୍କର ।ସତ୍ୟବାନ କଣ ଫେରିବେ ମର୍ତ୍ତ୍ୟକୁ ? ସବିତା କଣ ପ୍ରକୃତ ଜୀବନର ସାବିତ୍ରୀ ହୋଇପାରିବେ ? ଏମିତି ବହୁ ପ୍ରଶ୍ନର ଉତ୍ତର ଫିଲ୍ମର ଶେଷରେ ମିଳିବ। କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ଅଜୟ ରଥଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ସତ୍ୟବାନର ସ୍ୱର୍ଗଯାତ୍ରା' ଆସନ୍ତା ମେ ମାସ ୨୫ ତାରିଖ ରବିବାର ସଂଧ୍ୟା ୬.୩୦ ମିନିଟରେ କେବଳ ଜୀ ସାର୍ଥକରେ ଦେଖିବାକୁ ମିଳିବ। ଏହି ଫିଲ୍ମରେ ମୁଖ୍ୟ ନାୟକ ଭାବରେ ଶ୍ରିଜୀତ ଓ ନାୟିକା ଭାବରେ ଅନନ୍ୟା ନଜର ଆସିବେ। ସିନେମାରେ ସଂଗୀତ ଦାୟିତ୍ୱ ପ୍ରଶାନ୍ତ ପାଢୀ ସମ୍ଭାଳିଥିବା ବେଳେ ବିଷ୍ଣୁ ମୋହନ କବି, ସ୍ୱୟମ ପାଢୀ ଓ ଅର୍ପିତା ଚୌଧୁରୀଙ୍କ ପରି ଲୋକପ୍ରିୟ କଳାକାରମାନେ କଣ୍ଠଦାନ କରିଛନ୍ତି। ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା ଓ ମାନସ ମଲ୍ଲିକ । ତେବେ ଫିଲ୍ମକୁ ଦେଖିବା ସହିତ ଭଲପାଇବା ଦେବାକୁ ଅନୁରୋଧ କରିଛନ୍ତି ଜୀ ସାର୍ଥକର ଚିଫ ଚ୍ୟାନେଲ ଅଫିସର୍ ପ୍ରତୀକ ସିଲ୍‌ୟ ସେ କହିଛନ୍ତି ଯେ ଏହି କାହାଣୀ ଓଡ଼ିଶାର ସମସ୍ତ ନାରୀ ମାନଙ୍କ ମଧ୍ୟରେ ନିଶ୍ଚୟ ଆଦୃତ ହେବ ସହ ଭରପୁର ମନୋରଞ୍ଜନ ଯୋଗାଇବ।

## ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

## ଶ୍ରୀଜଗନ୍ନାଥଙ୍କ ଚକ୍ର



ଶ୍ରୀଜଗନ୍ନାଥଙ୍କ ଚକ୍ର

ଜଗନ୍ନାଥଙ୍କୁ ଅନେକ ଚକ୍ରୀ ବୋଲି କୁହାଯାଏ। କାରଣ ସେ ସଦାସର୍ବଦା ଚକ୍ର ଧାରଣ କରିଥାନ୍ତି। ବାମନ ପୁରାଣରେ ବର୍ଣ୍ଣନା କରାଯାଇଛି ଯେ, ଦୁର୍ଦ୍ଦାନ୍ତ ଅସୁରମାନଙ୍କୁ ନିପାତ କରିବା ପାଇଁ ଏକ ବିଶେଷ ଶକ୍ତି ଦରକାର ବୋଲି ବିଷ୍ଣୁ ସବୁ ଦେବତାଙ୍କୁ ଜଣାଇଥିଲେ । ଫଳରେ ଦେବତାମାନେ ମିଶି ନିଜ ନିଜର ଶକ୍ତିଙ୍କୁ ଏକତ୍ରିତ କରି ଯେଉଁ ଆୟୁଧକୁ ସୃଷ୍ଟି କରିଥିଲେ ତାହାର ନାମ ଥିଲା ଚକ୍ରୀ। କିନ୍ତୁ ମତ୍ସ୍ୟ ପୁରାଣର ବର୍ଣ୍ଣନା ଅନୁସାରେ ସୂର୍ଯ୍ୟ ଦେବତା ନିଜର ତେଜ ଶକ୍ତିକୁ କିଛି ପ୍ରଶମିତ କରିବା ପାଇଁ ବିଷ୍ଣୁଙ୍କୁ ଆରାଧନା କରିଥିଲେ। ତେଣୁ ବିଷ୍ଣୁ ସୂର୍ଯ୍ୟଙ୍କର ତେଜକୁ କିଛି ପ୍ରଶମିତ କରିଥିଲେ। ସେଥିରୁ ଯେଉଁ ଶକ୍ତି ସୂର୍ଯ୍ୟ ବାହାର କରିଥିଲେ ତାକୁ ୩ ଭାଗରେ ବିଭକ୍ତ କରି ଗୋଟିଏ ଭାଗକୁ ସୁଦର୍ଶନ ଚକ୍ର କରି ବିଷ୍ଣୁଙ୍କୁ ଦେଲେ, ଆଉ ଗୋଟିଏ ଅଂଶକୁ ତ୍ରିଶୂଳ ରୂପ ଦେଇ ରୁଦ୍ରଙ୍କୁ ଏବଂ ଆଉ ଗୋଟିଏ ଅଂଶକୁ ବଜ୍ରରୂପ ଦେଇ ଇନ୍ଦ୍ରଙ୍କ ହାତରେ ଅର୍ପଣ କରିଥିଲେ। ତେଣୁ ଏହିଠାରୁ ସୁଦର୍ଶନ ଚକ୍ର ଆର୍ବିଭୂତ ହୋଇଥିଲା। ଏହି ଚକ୍ର, ବିଷ୍ଣୁଙ୍କ ନିର୍ଦ୍ଦେଶକୁ କେବେ ଅବମାନନା କରେ ନାହିଁ। ଏଥିରେ ସମସ୍ତ ପାପରାଶି, ଆସୁରିକ ପ୍ରକୃତି ଓ ସମସ୍ତ ବିଘ୍ନ ବିନାଶ ହୋଇଥାଏ। ଏହା ସର୍ବଶକ୍ତିମାନ ଆୟୁଧ ଯାହା ଜଗନ୍ନାଥଙ୍କ ବାମ ପାଖରେ ପୂଜା ପାଇଥାନ୍ତି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାରେ ସୁଦର୍ଶନ ଚକ୍ରର ବିଶେଷ ମହତ୍ତ୍ୱ ରହିଛି । ଏହା ଶ୍ରୀଜିଉଙ୍କ ଅବିଚ୍ଛେଦ୍ୟ ଅଂଶ ।

## ପାପ ଭାର କମାଏ ଫୁଲ ଦ୍ୱାରା ପୂଜା



ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି । ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ୍ୟ ବହୁଦିନରୁ ପ୍ରଚଳିତ । ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଘପରିହାରତ । ପୁଷ୍କଳାର୍ଥପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ" । ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ । "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍‌କୁସୁମୋପହିତଂ ସଦା" । ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ ।

"ପୁଷ୍ପୈର୍ଦେବାଂ ପ୍ରସିଦନ୍ତି ପୁଷ୍ପୈ ଦେବାଶ୍ଚ ସଂସ୍ଥିତା । ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦନ" । ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି ।

ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ । ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ । ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ । ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ । ଫୁଲର ଆୟୁଷ କମ୍ ହୋଇଥାଏ । କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ । ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ । ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ । ଘର ଆଗରେ ବ୍ରହ୍ମକମଳ, ଗୁଡହଲ୍, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ । ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ । ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି । ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ ।

## ଯୁବା ଦିଶିବାର ସହଜ ଉପାୟ

ମୁଖମଣ୍ଡଳରେ ବାର୍ଦ୍ଧକ୍ୟର ଛାପ ଦିଶିଲେ ଅଧା ସୌନ୍ଦର୍ଯ୍ୟ ସେଇଟି କମିଯାଏ। ଏପରି ପରିସ୍ଥିତିରେ ଅଧିକାଂଶ ଲୋକ ସଂକୋଚ ଅନୁଭବ କରିଥାନ୍ତି। ଆପଣଙ୍କ ଚର୍ମର ରଙ୍ଗ ଯାହା ହେଉ ପଛେ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ,



ଆପଣ କେତେ ଆକର୍ଷଣୀୟ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେ ସଂପର୍କରେ ଉଲ୍ଲେଖ କରାଯାଇଛି। ଏହି ସବୁ ଦିଗକୁ ଧ୍ୟାନ ଦେଲେ ଆପଣ ବି ଦିଶିବେ ଚୀର ସବୁଜ। ଡାକ୍ତରଙ୍କଠାରୁ ଆରମ୍ଭ କରି ଯୋଗ ଗୁରୁ, ସେଲିବ୍ରେଟି ଏବଂ ସବୁ ଧରଣର ବିୟୁଟିସିଆନମାନେ ମତ ଦିଅନ୍ତି ଯେ ପାଣି ପିଇବା ଉତ୍ତମ ତ୍ୱଚା ପାଇଁ ସବୁଠାରୁ ଅଧିକ ଜରୁରୀ। ଯିଏ ତେତେ ପରିମାଣରେ ପାଣି ପିଅନ୍ତି ତାଙ୍କ ତ୍ୱଚା ସେତେ ଚିକ୍କଣ ଦିଶେ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ତେଲିଆ ଦିଶେ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚକମକ କରିବ। ପାରୁଛନ୍ତି ଯଦି କଲରା, ଲାଉ ଏବଂ ଗାଜର ରସ ପିଅନ୍ତୁ। ଚା, କଫି କିମ୍ବା ଫାଷ୍ଟଫୁଡରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ମୁହଁରେ ଅମୃତଭଣ୍ଡା, କଦଳୀ, ଆଳୁ, ବିଲାତି ବାଇଗଣ କିମ୍ବା ମହୁ କୌଣସିରୁ ଗୋଟାଏ ଲେପ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଜଲ୍‌ଦି ଶୋଇ ଜଲ୍‌ଦି ଉଠନ୍ତୁ। ବିଳମ୍ବିତ ରାତିରେ ଶୋଇବା ତ୍ୱଚା ପାଇଁ ଆଦୌ ଶୁଭଙ୍କର ନୁହେଁ।

# ଭାରତର ଜନସଂଖ୍ୟା

ଏବେ ଭାରତର ଜନସଂଖ୍ୟା ଯେଉଁ ହାରରେ ବଢୁଛି ସେଥିରେ ଚୀନ ଆଉ ଭାରତକୁ ଅତିକ୍ରମ କରିବା ସମ୍ଭବ ନୁହେଁ। ବିଭିନ୍ନ କାରଣରୁ ଚୀନରେ ଜନ୍ମହାର କମିବା ଫଳରେ ସେଠାରେ ଜନସଂଖ୍ୟା ହ୍ରାସ ପାଇଛି ଯାହା ସେହି ଦେଶ ପାଇଁ ଏବେ ଚିନ୍ତାର କାରଣ ହୋଇଛି। ଜନସଂଖ୍ୟା ବୃଦ୍ଧି ନିମନ୍ତେ ଚୀନ ଅନେକ ଯୋଜନା କରୁଥିଲେ ମଧ୍ୟ ଏହାର ତତ୍କାଳ ସୁଫଳ ମିଳୁନି। ଅନ୍ୟ ପକ୍ଷରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଭାରତ ଗତ ୬୦ ବର୍ଷ ହେବ ବରାବର ଉଦ୍ୟମ କରୁଥିଲେ ମଧ୍ୟ ତାହା ସଫଳ ହୋଇନାହିଁ। ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଅନେକ ସୁଚିନ୍ତିତ ଯୋଜନା ହୋଇଛି, ଶହ ଶହ କୋଟି ଟଙ୍କା ଏ ବାବଦରେ ଖର୍ଚ୍ଚ ହେଉଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। କିନ୍ତୁ ତଥାପି ଲୋକେ ସଚେତନ ହେଉ ନାହାଁନ୍ତି। ଅବଶ୍ୟ ଜନସଂଖ୍ୟା ବୃଦ୍ଧି ହାର ଏବେ କମିଛି, ଅର୍ଥାତ ଯେଉଁ ବେଗରେ ଜନସଂଖ୍ୟା ବୃଦ୍ଧି ପାଉଥିଲା ତାହା କମିଛି। କିନ୍ତୁ ଏହା ସତ୍ୱ ଜନସଂଖ୍ୟା ନିୟନ୍ତ୍ରଣ ସଫଳ ହୋଇପାରିନାହିଁ। ଲୋକଙ୍କ ଭିତରେ ଏ ଯାବତ ସେତିକି ସଚେତନତା ସୃଷ୍ଟି ହୋଇନାହିଁ। ଅନେକ ଏହାକୁ ଏକ ବ୍ୟକ୍ତିଗତ ଅଧିକାର ବୋଲି ବିଚାର କରୁଛନ୍ତି। କିନ୍ତୁ ଏହା ଏକ ରାଷ୍ଟ୍ରୀୟ ସମସ୍ୟା, ସମଗ୍ର ମାନବ ଜାତି ପ୍ରତି ଏକ ଆହ୍ୱାନ ସେ କଥା କେହି ବିଚାର କରୁନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ହିଁ ଭାରତର ଦାରୀଦ୍ର୍ୟ ଏବଂ ଅନଗ୍ରସରତାର ମୁଖ୍ୟ କାରଣ। ୭୫ ବର୍ଷ ତଳେ ଭାରତ ଯେତେବେ ସ୍ୱାଧୀନ ହେଲା ସେତେବେଳେ ଭାରତର ଜନସଂଖ୍ୟା ଥିଲା ୩୫ କୋଟି। ୭୫ ବର୍ଷ ଭିତରେ ଏହା ୪ ଗୁଣରୁ ଅଧିକ ହୋଇଛି। ଯଦି ଭାରତର ଜନସଂଖ୍ୟା ୧୪୦ କୋଟି ପରିବର୍ତ୍ତେ ୭୦ କୋଟିରେ ସୀମିତ ରହିଥାନ୍ତା ତେବେ ଏହା ବିଶ୍ୱର ସବୁଠାରୁ ଧନଶାଳୀ ଓ ଶକ୍ତିଶାଳି ରାଷ୍ଟ୍ରର ମାନ୍ୟତା ପାଇଥାନ୍ତା। ଆମେରିକା ପଛରେ ପଡ଼ି ଯାଇଥାନ୍ତା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଭାରତବାସୀ ଆଜି ପର୍ଯ୍ୟନ୍ତ ଏହାକୁ ଗୁରୁତ୍ୱ ଦେଉ ନାହାଁନ୍ତି। ପରିବାର ନିୟନ୍ତ୍ରଣ ଯୋଜନା ଅନେକଙ୍କ ପାଇଁ କେବଳ ଏକ ପ୍ରଚାର ସର୍ବସ୍ୱ ଆହ୍ୱାନ ହୋଇ ରହିଯାଇଛି। ଯେଉଁମାନେ ଅଶିକ୍ଷିତ, ଅନଗ୍ରସର ସେମାନଙ୍କ କଥା ଭିନ୍ନ। କିନ୍ତୁ ଭାରତରେ ଅନେକ ଶିକ୍ଷିତ, ସଚେତନ ବ୍ୟକ୍ତି ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ଆଜି ପର୍ଯ୍ୟନ୍ତ ଅନୁଭବ କରିନାହାଁନ୍ତି। ଜନସଂଖ୍ୟା ବୃଦ୍ଧି ଯୋଗୁ ଜାତୀୟ ସମ୍ବଳ ବହୁଧା ବିଭାଜିତ ହେଉଛି। ଗରୀବ ଆହୁରି ଗରୀବ ହେଉଛି। ବେକାରୀ ସମସ୍ୟା ଉତ୍କଟ ହେଉଛି। ବେକାରୀ ଓ ଦାରୀଦ୍ର୍ୟ ବୃଦ୍ଧି ଯୋଗୁ ସମାଜରେ ଅପରାଧ ବଢ଼ି ଚାଲିଛି। ଗୋଟିଏ ବାକ୍ୟରେ କହିଲେ ଜନସଂଖ୍ୟା ବୃଦ୍ଧି ଉଭୟ ସାମାଜିକ ଏବଂ ଅର୍ଥନୈତିକ ସମୃଦ୍ଧିରେ ମୁଖ୍ୟ ପ୍ରତିବନ୍ଧକ। ତେଣୁ ଭାରତରେ ଏବେ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ଆଇନକୁ କଡ଼ାକଡ଼ି କରିବା ସପକ୍ଷରେ ମତ ପ୍ରକାଶ ପାଉଛି। କିଛି ବର୍ଷ ନିମନ୍ତେ ଏହାକୁ ଲାଗୁ କରାଗଲେ ପରିସ୍ଥିତି ନିୟନ୍ତ୍ରଣାଧିନ ହୋଇଯିବ। କେତେକ ଏହାକୁ ମାନବାଧିକାର ଉଲ୍ଲଘଂନ ବୋଲି କହୁଛନ୍ତି। ଏହା ବ୍ୟକ୍ତି ସ୍ୱାଧୀନତାକୁ ବିପନ୍ନ କରିବ ବୋଲି କୁହାଯାଉଛି। କିନ୍ତୁ ରାଷ୍ଟ୍ରର ସ୍ୱାର୍ଥ ଆଗରେ ବ୍ୟକ୍ତି ସ୍ୱାର୍ଥକୁ ବଳି ଦିଆଯିବା ନିହାତି ଜରୁରୀ। ଯେଉଁମାନେ ଏହାକୁ ବିରୋଧ କରୁଛନ୍ତି ସେମାନେ ସଂକୀର୍ଣ୍ଣ ଏବଂ ରୁଗ୍‌ଣ ଚିନ୍ତାଧାରା ସମ୍ପନ୍ନ। ଦେଶର ହିତ ପାଇଁ ସେମାନେ ସାମାନ୍ୟ ତ୍ୟାଗ ସ୍ୱୀକାର କରିବାକୁ ପ୍ରସ୍ତୁତ ନାହାଁନ୍ତି। ଏଭଳି ପରିସ୍ଥିତିରେ କଡ଼ା ଆଇନ ପ୍ରଣୟନ ନିହାତି ଜରୁରୀ। ଏଥିରେ ଆଉ ଅଧିକ ବିଳମ୍ବ ସ୍ପୃହଣୀୟ ନୁହେଁ। ଜାତିସଂଘର ଆକଳନ ଅନୁଯାୟୀ ଆଗାମୀ ୩୦ ବର୍ଷ ପର୍ଯ୍ୟନ୍ତ ଭାରତର ଜନସଂଖ୍ୟା ଏଭଳି ବଢ଼ି ଚାଲିବ। ଜନସଂଖ୍ୟା ୧୬୫ କୋଟିରେ ପହଞ୍ଚିବା ପରେ ଏହା ସ୍ଥିର ହୋଇଯିବ।

# ଆମ "ହାତୀ" କଥା

॥ ରମେଶ ଚନ୍ଦ୍ର ସ୍ୱାଇଁ ॥

*ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ।*

ପ୍ରାୟ ଶତାଧିକ ଝାଡ଼ଖଣ୍ଡ ହାତୀ ଓଡ଼ିଶାକୁ ଆସି ଉତ୍ପାତ କରିଥାନ୍ତି। ହାତୀ ମଣିଷ ଲଢ଼େଇ ମଧ୍ୟରୁ ୬୦ ପ୍ରତିଶତ କ୍ଷେତ୍ରରେ କିଛି ନିର୍ଦ୍ଦିଷ୍ଟ ମାରଣା ହାତୀ ହିଁ ମଣିଷକୁ ଆକ୍ରମଣ କରୁଥିବା ଲକ୍ଷ୍ୟ କରାଯାଉଛି। ଢେଙ୍କାନାଳ, ଅନୁଗୋଳ, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼ ଜିଲ୍ଲାରେ ଏହିଭଳି ଘଟଣା ଶତାଧିକ ଘଟୁଛି। ସେଇଭଳି ଟ୍ରେନ୍‌ରେ କଟି ଓ ବିଦ୍ୟୁତ ଆଘାତରେ ମଧ ହାତୀଙ୍କ ମୃତ୍ୟୁ ହୋଇଥାଏ। ଖାଦ୍ୟ ଅନ୍ୱେଷଣରେ ଆସିଥିବା ହାତୀ ଝାଟିମାଟି ଘରେ ପଶିବା ଓ ଘର ଭାଙ୍ଗିବା ଦ୍ୱାରା ୨୫ ପ୍ରତିଶତ ଜନତାଙ୍କ ମୃତ୍ୟୁ ହେଉଥିବା ଜଣାଯାଏ। ୨୦୧୮ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୨୮୨ଟି ହାତୀଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗରେ ପିଡ଼ିତ ହୋଇ ୧୦୧ଟି ହାତୀଙ୍କ ମୃତ୍ୟୁ ହୋଇଥିବାବେଳେ ବିଦ୍ୟୁତ୍ ଆଘାତ ଯୋଗୁ ୪୩ଟି, ଶୀକାରୀ ମାନଙ୍କ ଦ୍ୱାରା ୭ଟି, ରାସ୍ତା ଦୁର୍ଘଟଣାରେ ୪ଟି, ପାହାଡ଼ରୁ ଖସି ନଦୀରେ ବୁଡ଼ି ନିଜ ନିଜ ମଧରେ କଳହ କରି ୫୯ଟି ହାତୀ ଓ ବିଭିନ୍ନ କାରଣରୁ ୩୪ଟି ହାତୀଙ୍କର ମୃତ୍ୟୁ ଘଟିଛି। ୨୦୧୮ରେ ୯୩ଟି, ୨୦୧୯ରେ ୮୨ଟି, ୨୦୨୦ରେ ୭୭ଟି ଓ ୨୦୨୧ ଅଗଷ୍ଟ ମାସ ସୁଦ୍ଧା ୩୩ଟି ହାତୀଙ୍କର ମୃତୁ ଘଟିଛି। ରାଜ୍ୟରେ ୨୦୧୨ରେ ୧୯୩୦ଟି ହାତୀ ଥିବାବେଳେ ୨୦୧୫ରେ ୧୯୫୪ଟି ଓ ୨୦୧୭ରେ ୧୯୭୬ଟି ହାତୀ ଥିବାର ଜଣାପଡ଼ିଛି।

ବହୁ ପ୍ରାଚୀନ କାଳରୁ ଭାରତ ହାତୀଦାନ୍ତ ତିଆରି ସୁନ୍ଦର ସୁନ୍ଦର ଜିନିଷ ଗୁଡ଼ିକ ନିମନ୍ତେ ବିଖ୍ୟାତ। ଏହାଛଡ଼ା ଇଟାଲି ଓ ଆଫଗାନସ୍ଥାନ ମଧ ହାତୀର ଦାନ୍ତରେ ବିଭିନ୍ନ ଜିନିଷ ତିଆରି କରିପାରୁଥିଲେ। ଥରେ ଜଣେ ଭାରତୀୟ ହାତୀ ଦାନ୍ତ କାରିଗର ମୁସଲିମ୍ ଦେଶର ଜଣେ କଳାକାରଙ୍କ ଘରକୁ ଗଲେ। ସେ ମୁସଲିମ୍ କଳାକାରଙ୍କ ସ୍ତ୍ରୀଙ୍କୁ ହାତୀଦାନ୍ତ ନିର୍ମିତ ମୁଠାଏ ଚାଉଳ ଦେଲେ। କଳାକାରଙ୍କ ସ୍ତ୍ରୀ ତାକୁ ପ୍ରକୃତ ଚାଉଳ ଭାବି ରାନ୍ଧିବା ନିମନ୍ତେ ଚେଷ୍ଟାକଲେ। ଏହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର କଥା। ହାତୀ ଦାନ୍ତ କାରିଗରୀର ବର୍ଣ୍ଣନା ରାମାୟଣ ଓ ମହାଭାରତରେ ଦେଖିବାକୁ ମିଳେ। ରାମାୟଣରେ ପଲଙ୍କ ଓ ରଥର କେତେକ ଅଂଶ ହାତୀ ଦାନ୍ତରେ ନିର୍ମିତ ହେବା ଓ ମହାଭାରତରେ ତରକାରୀ ବେଣ୍ଟ ହାତୀ ଦାନ୍ତରେ ନିର୍ମିତ ହୋଇଥିବା ବିଷୟ ଉଲ୍ଲେଖ କରାଯାଇଛି। ସପ୍ତଦଶ ଶତାବ୍ଦୀରେ ୟୁରୋପୀୟମାନେ ଭାରତ ଆସିବା ପରେ ଭାରତୀୟ କଳା ଉପରେ ପାଶ୍ଚାତ୍ୟ ପ୍ରଭାବ ପଡ଼ିଲା। ୟୁରୋପୀୟମାନଙ୍କର ରୁଚି ଅନୁଯାୟୀ ବିଲିୟାର୍ଡ ପେଣ୍ଡୁ, କାଗଜ କାଟିବାର ଛୁରୀ, ସାର୍ଟ ବଟମ ସବୁ ହାତୀ ଦାନ୍ତରେ ନିର୍ମିତ ହେଲା। ଗୋଆରୁ ମିଳିଥିବା ଯୀଶୁଖ୍ରୀଷ୍ଟଙ୍କର ହାତୀଦାନ୍ତ ନିର୍ମିତ ମୂର୍ତ୍ତି ଭାରତୀୟ ତଥା ପର୍ତ୍ତୁଗାଲ କଳାର ସୁନ୍ଦର ସମନ୍ୱୟତାର ପ୍ରମାଣ କରେ। ହାତୀର ବିରାଟକାୟ ମୋଟା ନଖ ଗୁଡ଼ିକରେ ଛୁରୀ, ବେଣ୍ଟ, ବୋତାମ, ଚାମଚ ଓ ପ୍ଲେଟ୍ ପ୍ରସ୍ତୁତ ହେଉଥିଲାବେଳେ ହାତୀ ଲାଞ୍ଜର ବାଳରେ ଚୂଡ଼ି, ହାର, ଖଡୁ ଆଦି ସୁକ୍ଷ୍ମ କାରୁକାର୍ଯ୍ୟ ପ୍ରସ୍ତୁତ ହୋଇଥାଏ। କେରଳରେ ହାତୀ ଦାନ୍ତର ଅଳଙ୍କାର ପିନ୍ଧିଲେ କେରଳବାସୀମାନେ ଶୁଭ ବୋଲି ମାନିଥାନ୍ତି।

ଥାଇଲାଣ୍ଡରେ ଏପରି ଏକ ସ୍କୁଲ ଅଛି ଯେଉଁ ସ୍କୁଲରେ କେବଳ ହାତୀମାନଙ୍କୁ ଶିକ୍ଷା ଦିଆଯାଇଥାଏ। ସ୍କୁଲଟି ଥାଇଲାଣ୍ଡର ଲାମପାଓ୍ୱାସ୍ଥିତ ସାଗୋଡ ଉତ୍ପାଦନ କେନ୍ଦ୍ରରୁ ୨୫ କି.ମି. ଦୂରରେ ଅବସ୍ଥିତ। ଯେଉଁ ହାତୀର ବୟସ ୫ ବର୍ଷରୁ ଅଧିକ ସେମାନଙ୍କୁ ଏହି ସ୍କୁଲରେ ଶିକ୍ଷା ଦିଆଯାଇଥାଏ। ଏଠାରେ ଥରକେ ୧୫ଟି ହାତୀକୁ ୬ ମାସ ପର୍ଯ୍ୟନ୍ତ ଶିକ୍ଷା ଦିଆଯାଇଥାଏ। ଶୀତଦିନେ ସକାଳ ୬ଟାରୁ ୧୨ ଟା ପର୍ଯ୍ୟନ୍ତ ଏହି ସ୍କୁଲ ଖୋଲିଥାଏ। ପ୍ରଥମେ ସେମାନଙ୍କୁ ଉଠିବା, ବସିବା, ଶୀଘ୍ର ଶୀଘ୍ର ଚାଲିବା ଏବଂ କହିବା ମୁତାବକ ଅଟକିଯିବା, ମୁଣ୍ଡ ତଳକୁ କରିବା, କାଠଗଣ୍ଡିକୁ ଏକାଠି କରି ରଖିବା, ଜୀପ୍, ଟ୍ରକ, ବନ୍ଧୁକ, ବାଘ ଏବଂ ଚିତାବାଘ ତଥା ବିଭିନ୍ନ ବାଦ୍ୟଯନ୍ତ୍ରରେ ସ୍ୱର ସଂପର୍କରେ ହାତୀକୁ ଅବଗତ କରି ଦିଆଯାଏ। ହାତୀମାନଙ୍କୁ ୬ ମାସ ପର୍ଯ୍ୟନ୍ତ ସ୍କୁଲ ପରିସରରେ ଥିବା ହଷ୍ଟେଲରେ ରହିବାକୁ ପଡ଼ିଥାଏ।

କଥାରେ କହନ୍ତି "ହାତିକୁ ପୁଣି ହୋମିଓପାଥି"। ଅର୍ଥାତ୍, ହାତୀ ଭଳି ବିଶାଳ ଜନ୍ତୁକୁ ଏତେ ଛୋଟ ଔଷଧ କ'ଣ କାମ ଦେବ? ଏତେ ହାତୀଙ୍କ ପାଇଁ ବଟିକା କଥା କହିବାବେଳେ ଆପଣମାନେ ଆଶ୍ଚର୍ଯ୍ୟ ହେବେଣି। ହାତୀ ପାଇଁ ପୁଣି ବଟିକା କି କାମ ଦେବ?

ହାତୀ ପାଇଁ ଥାଇଲାଣ୍ଡରେ ଏକ ବଟିକା ବାହାରିଛି। ଏହି ବଟିକା ବେଶ ବଡ଼ ଏବଂ ଏହାର ଓଜନ ପ୍ରାୟ ୫୦୦ ଗ୍ରାମ। ଏହି ବଟିକାଟିକୁ ଥାଇଲାଣ୍ଡ ସରକାର ହାତୀମାନଙ୍କ ପାଇଁ ପ୍ରଚଳନ କରିଛନ୍ତି। ହାତୀମାନେ ଆଉ ଜଙ୍ଗଲରେ ଚରି ଗଛ ବୃକ୍ଷ ନଷ୍ଟ କରିପାରିବେ ନାହିଁ। ପରିବେଶର ସୁରକ୍ଷା ଓ ଜଙ୍ଗଲ ବଞ୍ଚାଅ ଅଭିଯାନ ସ୍ୱରୂପ ଏହି ପଦକ୍ଷେପ ସେଠାରେ ନିଆଯାଇଛି। ଏହି ଅଭିନବ ବଟିକା ଆଖୁ ଆଦି ଖାଦ୍ୟ ଶସ୍ୟରେ ପ୍ରସ୍ତୁତ ଏବଂ ଏଥିରେ ପ୍ରଚୁର ପରିମାଣରେ ଖାଦ୍ୟ ସାର ବା ଭିଟାମିନ୍ ରହିଛି। କୌଣସି ବିବଦମାନ ପରିସ୍ଥିତିରେ ମଣିଷ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଘଟଣାରେ ବିଶେଷ କିଛି ନୂତନତା ନାହିଁ। କିନ୍ତୁ କୋର୍ଟ ଆଦେଶ ପାଇ ହାତୀଟିଏ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର ହେବା ନିଶ୍ଚିତ ଭାବେ ଏକ ବିସ୍ମୟକର ତଥା କୌତୂହଳପ୍ରଦ କଥା। ଏହିଭଳି ଏକ ବିବାଦମାନ ପରିସ୍ଥିତିରେ "ନାରାୟଣ" ନାମକ ଏକ ହାତୀ, ଗତ କିଛିଦିନ ତଳେ କେରଳର କୋଟାୟାମ ଜିଲ୍ଲା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟାଳୟ ପରିସରରେ ଅପରାଧୀ ଭାବରେ ଠିଆ ହୋଇ ଏକ ବିରଳ ନଜୀର ସୃଷ୍ଟି କରିଥିଲା। ୩୨ ବର୍ଷିଆ ଏହି ହାତୀଟିକୁ ଯେତେବେଳେ ୧୪ ବର୍ଷ ବୟସ ହୋଇଥିଲା ସେତେବେଳେ ଗୋପାଳକୃଷ୍ଣ କୁରୁପଙ୍କ ଘରକୁ ଧରାହୋଇ ଆସିଥିଲା। ଏହାର ୪ ବର୍ଷ ପରେ କୁରୁପଙ୍କ ପରିବାରର ସଂପତ୍ତି ଭାଗବଣ୍ଟନରେ ହାତୀଟି କୁରୁପଙ୍କ ପତ୍ନୀ ସାଥୀ ଆମ୍ମାଙ୍କ ଭାଗରେ ପଡ଼ିଲା। କିନ୍ତୁ ପରବର୍ତ୍ତୀ କାଳରେ ହାତୀଟି ଲିଜ ସୂତ୍ରରେ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ମାଲିକଙ୍କ ଦ୍ୱାରା ହସ୍ତାନ୍ତରିତ ହୋଇଥିଲା। ଫଳସ୍ୱରୂପ ହାତୀର ମାଲିକ ଓ ଲିଜ୍‌ଧାରୀଙ୍କ ମଧରେ ନାନା ପ୍ରକାର ବିବାଦର ସୂତ୍ରପାତ ହୋଇଥିଲା। ବିଚାରପତିଙ୍କ ଏହି ଆଦେଶ କାର୍ଯ୍ୟକାରୀ ହେବା ଦିନ କୋର୍ଟ ପରିସର ମଧରେ ସବୁ ଓକିଲଙ୍କ ସମେତ ବହୁ ଦର୍ଶକ ଏହି ଦୃଶ୍ୟକୁ ଉପଭୋଗ କରୁଥିଲେ। ମାଲିକ "ସାଥୀ ଆମ୍ମାକୁ" ଦେଖି ହାତୀଟି ତତକ୍ଷଣାତ ଚିହ୍ନି ପାରିଥିଲା ଏବଂ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଥିଲେ ଯେ ହାତୀଟିର ପ୍ରକୃତ ମାଲିକ ହେଉଛନ୍ତି ସାଥୀ ଆମ୍ମା।

ଚାକିରୀରୁ ଅବସର ଗ୍ରହଣ ପରେ ସାଧାରଣତଃ କର୍ମଚାରୀମାନେ ପେନସନ ପାଇବା ଆମେ ସମସ୍ତେ ଜାଣିଛେ। ମାତ୍ର ହାତୀ ସେହିପରି ଏକ କର୍ମମୟ ଜୀବନରୁ ଅବସର ପାଇବାପରେ ପେନସନ ପାଇବାଟା ଆଶ୍ଚର୍ଯ୍ୟ ଲାଗୁଥିବ ନୁହେଁ? ତେବେ ପଶ୍ଚିମ ବଙ୍ଗର ଜଙ୍ଗଲ ବିଭାଗରେ ନିଯୁକ୍ତ ଥିବା ଏକ ହାତୀକୁ ୬୫ ବର୍ଷ ପୁରିଲା ପରେ ସେ ଏହି ବୃତ୍ତିର ଅଧିକାରୀ ହୋଇଥିଲା। ଏହି ଅଧିକାର ପ୍ରାପ୍ତ ସ୍ୱରୂପ ହାତୀକୁ ଉତ୍ତମ ଖାଦ୍ୟ, ବାସସ୍ଥାନ, ସ୍ୱାସ୍ଥ୍ୟ, ଚିକିତ୍ସା ଆଦି ଯୋଗାଇ ଦିଆଯାଇଥିଲା। ବରାହ ମିହିରଙ୍କ ଲିଖିତ 'ବୃହତ ସଂହିତା'ରେ ହାତୀଦାନ୍ତ କେଉଁ ସମୟରେ କିପରି କଟାଯାଏ ସେ କଥା ବର୍ଣ୍ଣନା କରାଯାଇଛି। ଦସ୍ୟୁ ସର୍ଦ୍ଦାର ବୀରାପାନ୍ନା ହାତୀ ଦାନ୍ତ ପାଇଁ ପ୍ରାୟ ୨୦୦୦ ହାତୀଙ୍କୁ ମାରିପାରିଛି। କେତେ ଶହ ବର୍ଷ ହେଲା ରାଜସ୍ଥାନ ହାତୀଦାନ୍ତ କାରିଗରୀର କେନ୍ଦ୍ର ରୂପେ ରହି ଆସିଛି। ଏଠାରେ ହାତୀଦାନ୍ତ ଦ୍ୱାରା ନିର୍ମିତ ଚୁଡ଼ିର ବହୁତ ବ୍ୟବହାର ରହିଛି। ଆଜିକାଲି ଜଙ୍ଗଲ କ୍ଷୟଯୋଗୁ ଓଡ଼ିଶାରେ ହାତୀଙ୍କ ସ୍ୱାଭାବିକ ଜୀବନଚର୍ଯ୍ୟା ବ୍ୟାହତ ହେଉଛି। ସେମାନଙ୍କ ଖାଦ୍ୟ ସମ୍ବଳ କମି ଯାଇଥିବା ବେଳେ ଜୀବନ ପରିସର ସଙ୍କୁଚିତ ହେଉଛି। ଆଗକୁ ସରକାର ଯଦି ସଚେତନ ନ ହୁଅନ୍ତି ରାଜ୍ୟରେ ହାତୀମାନଙ୍କ ବଂଶ ଲୋପ ପାଇଯିବ ଏଥିରେ ସନ୍ଦେହ ନାହିଁ।

୧୬/୪, ଟାଇପ୍-୪ବି, ୟୁନିଟ୍-୩, ଭୁବନେଶ୍ୱର
ମୋବାଇଲ : ୯୩୩୭୩୬୨୩୮୩

# ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁର

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପିତୃଦେବ କଟକର ଭୂତପୂର୍ବ ସରକାରୀ ଓକିଲ ରାୟବାହାଦୂର ଜାନକୀ ନାଥ ବୋଷ ଓ ଭକ୍ତିମତୀ ଜନନୀ ପ୍ରଭାବତୀ ଦେବୀ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଏକାନ୍ତ ଭକ୍ତ ଥିଲେ। ଉଭୟଙ୍କର ଐକାନ୍ତିକ ଆଗ୍ରହ ଓ ଅନୁରୋଧକ୍ରମେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପରିବାର ବର୍ଗ ଓ ଭକ୍ତବୃନ୍ଦ ସହ ୧୯୨୨ ସାଲ ୩୧ ଡିସେମ୍ବର ରବିବାର ଦିନ ପୁରୀ ନୀଳାଚଳ ଧାମରେ ପଦାର୍ପଣ କରିଥିଲେ। ପୁରୀଧାମରେ ସମୁଦ୍ର ତୀରରେ ଅବସ୍ଥିତ ଜାନକୀନାଥ ବୋଷଙ୍କ ନିଜସ୍ୱ ଭବନ ହରନାଥ ଲଜରେ ଶ୍ରୀ ଶ୍ରୀ ଠାକୁର ଓ ତାଙ୍କ ଭକ୍ତବୃନ୍ଦ ରହିଥିଲେ। ଶ୍ରୀ ଶ୍ରୀ ଠାକୁର ପୁରୀ ପହଞ୍ଚିବା କିଛିଦିନ ପରେ ଭକ୍ତ ସତୀଶଚନ୍ଦ୍ର ଗୋସ୍ୱାମୀ ଓ କିଶୋରୀ ମୋହନ ଦାସ କୀର୍ତ୍ତନଦଳ ଓ ଆଶ୍ରମବାସୀଙ୍କୁ ନେଇ ହିମାୟିତପୁର (ବର୍ତ୍ତମାନ ପାବନା ଜିଲ୍ଲା, ବାଙ୍ଗଲାଦେଶ)ରୁ ପୁରୀ ଅଭିମୁଖେ ଯାତ୍ରା କଲେ। ଶ୍ରୀକ୍ଷେତ୍ରରେ ଶ୍ରୀ ଶ୍ରୀ ଠାକୁରଙ୍କ ପୁଣ୍ୟ ପାଦପୀଠରେ ଅବସ୍ଥାନ କରି ଆନନ୍ଦ ଉପଭୋଗ ଓ ସାଧନା ଭଜନ ଆଶାରେ ଶ୍ରୀ ଶ୍ରୀ ଠାକୁରଙ୍କ ବହୁ ଶିଷ୍ୟ ସମବେତ ହୋଇଥିଲେ। ପ୍ରାୟ ଦୁଇ ଶତାଧିକ ଭକ୍ତ ଦୀର୍ଘ ଦେଢ଼ମାସ ବୋଷ ଦମ୍ପତ୍ତିଙ୍କର ଘରେ ଅବସ୍ଥାନ କରିଥିଲେ।

ଏତେଦିନ ଧରି ପରିବାରବର୍ଗ ସହ ପରମ ଆରାଧ୍ୟ ଶ୍ରୀ ଶ୍ରୀ ଠାକୁରଙ୍କ ଯଥାଯୋଗ୍ୟ ସେବାପୂଜା ଓ ଭକ୍ତମାନଙ୍କର ଯଥୋଚିତ ସମ୍ବର୍ଦ୍ଧନାରେ ସସ୍ତ୍ରୀକ ଜାନକୀ ନାଥ ଯେଉଁ ଅପୂର୍ବ ନିଷ୍ଠା, ଉଦାରତା ଓ ମହତ୍ୱର ପରିଚୟ ଦେଇଥିଲେ ତାହା ଅପୂର୍ବ ଓ ଅବର୍ଣ୍ଣନୀୟ। ପରମ ଆତ୍ମୀୟ ଅତିଥିଗଣଙ୍କ ଭୋଜନ, ଶୟନ, ବିଶ୍ରାମ ଓ ଅନ୍ୟାନ୍ୟ ଯାବତୀୟ ପ୍ରୟୋଜନ ପୂରଣର ଯଥାଯଥ ବ୍ୟବସ୍ଥାରେ କୌଣସି ତ୍ରୁଟି ନଥିଲା। କୌଣସି ଅତିଥି ବିନ୍ଦୁମାତ୍ର ଅସୁବିଧା ଭୋଗ ନକରନ୍ତି ସେଥିନିମିତ୍ତ ଜାନକୀ ବୋଷ ଦମ୍ପତ୍ତି ସଦାସର୍ବଦା ତୀକ୍ଷ୍ଣ ଦୃଷ୍ଟି ରଖୁଥିଲେ। ସେମାନଙ୍କର ଅକ୍ଳାନ୍ତ ଶ୍ରମ, ତ୍ୟାଗ ଓ ଅଜସ୍ର ଅର୍ଥ ବ୍ୟୟର ଗାଥା ଅବର୍ଣ୍ଣନୀୟ।

ପୁରୀ ଅବସ୍ଥାନ କାଳରେ ଭକ୍ତଗଣ ପ୍ରତ୍ୟହ ପ୍ରାତଃକୃତ୍ୟାଦି ସମାପନ ପୂର୍ବକ ବିଭିନ୍ନ କୀର୍ତ୍ତନ ଦଳରେ ବିଭକ୍ତ ହୋଇ ନାନା ଦିଗରେ ନଗର ପରିକ୍ରମାରେ ଯାଉଥିଲେ। ସେମାନେ ପୁରୀ ସହରର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ନାନା ମଠ ଯାଇ ତାଣ୍ଡବ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ତାଳ ଓ ପ୍ରାଣୋନ୍ମାଦନୀ କୀର୍ତ୍ତନରେ ନଗରବାସୀ ଆବାଳବୃଦ୍ଧ ବନିତା ଆନନ୍ଦରେ ମାତି ଉଠୁଥିଲେ। ଭକ୍ତଗଣ ପ୍ରାୟଶଃ କୀର୍ତ୍ତନଦଳ ସହ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉପସ୍ଥିତ ହୋଇ ଦୀର୍ଘ ସମୟ ଧରି ଉଦ୍ଦଣ୍ଡ ନୃତ୍ୟ ସହ ତୁମୂଳ କୀର୍ତ୍ତନ କରୁଥିଲେ। ସେଠାରେ ସମବେତ ସହସ୍ର ସହସ୍ର ନରନାରୀ ଓ ଶ୍ରୀ ମନ୍ଦିରରର ପଣ୍ଡାଗଣ ସେହି ଅପୂର୍ବ କୀର୍ତ୍ତନ ଶୁଣି ଆନନ୍ଦ ଓ ବିସ୍ମୟରେ ଉଦ୍ଦୀପ୍ତ ଓ ପୁଲକିତ ହେଉଥିଲେ। ମନ୍ଦିର ମଧକୁ ଖୋଳ ନେବାର ରୀତି ନଥିଲେ ମଧ ଉଦ୍ଦଣ୍ଡ କୀର୍ତ୍ତନରେ ମାତି ଭକ୍ତଗଣ ଓ ପଣ୍ଡାମାନେ ମନ୍ଦିର ମଧରେ କୀର୍ତ୍ତନ କରୁଥିଲେ ଶ୍ରୀ ଶ୍ରୀ ଜଗନ୍ନାଥ ଦେବଙ୍କ ସମ୍ମୁଖରେ।

ଶ୍ରୀ ଶ୍ରୀ ଠାକୁର ଯେତେଦିନ ପୁରୀରେ ବାସ କରୁଥିଲେ ତାଙ୍କର ଆବାସ ସ୍ଥଳରେ ଶତ-ଶତ ଆଗନ୍ତୁକ ଓ ଭକ୍ତବୃନ୍ଦଙ୍କ କୋଳାହଳରେ ଦିନରାତ୍ରି ମୁଖରିତ ହୋଇ ରହୁଥିଲା। ପ୍ରତିଦିନ ସହରର ଗଣ୍ୟମାନ୍ୟ ବ୍ୟକ୍ତି ଓ ସ୍ଥାନୀୟ ଜନସାଧାରଣ ଶ୍ରୀ ଶ୍ରୀ ଠାକୁରଙ୍କ ଦର୍ଶନ ଓ ସଙ୍ଗ ଲାଭ ନିମିତ୍ତ ହରନାଥ ଲଜରେ ସମବେତ ହେଉଥିଲେ। ସେମାନେ ନିଜ ନିଜ ଜୀବନର ନାନା ଜଟିଳ ସମସ୍ୟାର ସମାଧାନ ନିମିତ୍ତ ଶ୍ରୀ ଶ୍ରୀ ଠାକୁରଙ୍କ ଶ୍ରୀଚରଣରେ ପ୍ରାର୍ଥନା ଜଣାଉଥିଲେ। ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱଭାବସୁଲଭ ଭଙ୍ଗିମାରେ ସେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟର ସହଜ ସରଳ ମୀମାଂସା ଦାନ କରୁଥିବା ଦେଖି ସମସ୍ତଙ୍କ ଭିତରେ ଏକ ଦିବ୍ୟଭାବ ଉନ୍ମାଦନା ସଞ୍ଚାର ହେଉଥିଲା। ବହୁ ବ୍ୟକ୍ତି ଶ୍ରୀ ଶ୍ରୀ ଠାକୁରଙ୍କ ଦୀକ୍ଷାରେ ଦୀକ୍ଷିତ ହୋଇଥିଲେ।

ପୁରୀ ଅବସ୍ଥାନ ସମୟରେ ଶ୍ରୀ ଶ୍ରୀ ଠାକୁର ପ୍ରାୟଦିନ ଭକ୍ତଗଣ ପରିବୃତ ହୋଇ ସମୁଦ୍ରରେ ଗାଧୋଉ ଥିଲେ, ତାହା ଏକ ଅନିର୍ବଚନୀୟ ମହା ଆନନ୍ଦ ଉତ୍ସବରେ ପରିଣତ ହେଉଥିଲା। ଶ୍ରୀ ଶ୍ରୀ ଠାକୁର ଭକ୍ତଗଣ ସହ ସମୁଦ୍ର ବାଲିରେ ଉପନୀତ ହେଲେ ସମସ୍ତେ ମିଶି ତୁମୁଳ କୀର୍ତ୍ତନ କରୁଥିଲେ। ତାହାପରେ ଶ୍ରୀ ଶ୍ରୀ ଠାକୁର ସମସ୍ତଙ୍କୁ ନେଇ ସମୁଦ୍ର ପାଣିରେ ଅବତୀର୍ଣ୍ଣପୂର୍ବକ ତରଙ୍ଗ ପ୍ରବାହର ତାଳେ ତାଳେ କୀର୍ତ୍ତନରତ ଅବସ୍ଥାରେ ସ୍ନାନ କ୍ରୀଡ଼ାରେ ବ୍ୟସ୍ତ ରହୁଥିଲେ। ସ୍ନାନ ସମୟରେ ଦୀର୍ଘ ସମୟ ଧରି ଦୋଳନ, କୀର୍ତ୍ତନ ଆଲିଙ୍ଗନ, ହାସ୍ୟ କୌତୁକ ଓ ଜଳସିଞ୍ଚାଦି ଆନନ୍ଦ ଉଲ୍ଲାସରେ ଏକ ସ୍ୱର୍ଗୀୟ ଅନୁଷ୍ଠାନ ଚାଲୁଥିଲା। ସ୍ନାନ ସମାପନାନ୍ତେ ଭକ୍ତଗଣ ଶ୍ରୀ ଶ୍ରୀ ଠାକୁରଙ୍କୁ ପୁରଭାଗରେ ରଖି ପୁଣି କୀର୍ତ୍ତନ କରୁ କରୁ ଘରକୁ ଫେରୁଥିଲେ। ଶ୍ରୀ ଶ୍ରୀ ଠାକୁର ଦିନେ ପ୍ରାତଃକାଳରେ ସମୁଦ୍ର ତୀରରେ ଭ୍ରମଣ କରୁ କରୁ କଠଉ ପିନ୍ଧି ପାଞ୍ଚ-ଛଅ କିଲୋମିଟର ଚାଲି ସାକ୍ଷୀଗୋପାଳରେ ପହଞ୍ଚି ଯାଇଥିଲେ, ସେଠାରୁ ଫେରି ସନ୍ଧ୍ୟା ସମୟରେ ଘରେ ପହଞ୍ଚିଲେ।

ପୁରୀ ଧାମ ଛାଡ଼ିବା କିଛିଦିନ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ତାଙ୍କର ବାଲ୍ୟସଖା ଭକ୍ତ ପ୍ରବର ଅନନ୍ତ ମହାରାଜଙ୍କୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ଦର୍ଶନ ନିମିତ୍ତ ମନ୍ଦିର ଭିତରକୁ ଯାଇଥିଲେ। ୧୪ ଫେବୃୟାରୀ ୧୯୨୩ ତାରିଖରେ ଶ୍ରୀ ଶ୍ରୀ ଠାକୁର ପୁରୀଧାମରୁ ପ୍ରତ୍ୟାବର୍ତ୍ତନ କରିଲେ। ପୁରୀ ନୀଳାଚଳ ଧାମରେ ଶ୍ରୀ ଶ୍ରୀ ଠାକୁରଙ୍କ ରହଣି ସତସଙ୍ଗ ଇତିହାସରେ ଏକ ଅପୂର୍ବ ସ୍ମୃତି। ସେହି ସ୍ମୃତିକୁ ପାଥେୟ କରି ପ୍ରତିବର୍ଷ ଜାନୁୟାରୀ ୮ ତାରିଖରେ (୨ୟ ରବିବାର) ଲକ୍ଷାଧିକ ଭକ୍ତ ନୀଳାଚଳ ଧାମରେ ଉପସ୍ଥିତ ହୋଇ ଉତ୍କଳ ଆଗମନୀ ଦିବସ ଭାବରେ ପାଳନ କରନ୍ତି।

ସହ-ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ମାତୃମୃତ୍ୟୁ ରୋକିବାରେ ଓଡ଼ିଶା ଦ୍ୱିତୀୟ

॥ ଡାକ୍ତର କାନ୍ତୀ ନାୟକ ॥

ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ପାଇଥିବାବେଳେ ଏଥିରେ ଆଉ ଏକ ଅଧ୍ୟାୟ ଯୋଡ଼ି ହୋଇଛି। ମାତୃ ମୃତ୍ୟୁହାର ରୋକିବାରେ ଓଡ଼ିଶାକୁ ମିଳିଛି ଅଭୁତପୂର୍ବ ସଫଳତା। ଏହି କ୍ଷେତ୍ରରେ ଓଡ଼ିଶା ଦେଶର ବଡ଼ ରାଜ୍ୟ ମାନଙ୍କୁ ପଛରେ ପକାଇ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟ ସରକାରଙ୍କର ନିରନ୍ତର ଉଦ୍ୟମ ଫଳରେ ଉଭୟ ଶିଶୁ ଓ ମାତୃ ମୃତ୍ୟୁ ହାର ତଳକୁ ଖସି ଚାଲିଥିବା ବେଳେ ସ୍ୱତନ୍ତ୍ର ପଦକ୍ଷେପ ହେତୁ ଏଥିରେ ନୂଆ କୀର୍ତ୍ତିମାନ ଯୋଡ଼ିବାରେ ରାଜ୍ୟ ସଫଳ ହୋଇଛି।

ଭାରତ ସରକାରଙ୍କ ପକ୍ଷରୁ ଜାରି ସାମ୍ପଲ ରେଜିଷ୍ଟ୍ରେସନ ସିଷ୍ଟମ ୨୦୧୮-୨୦ର ରିପୋର୍ଟ ଉପଲବ୍ଧ ତଥ୍ୟ ଅନୁସାରେ ରାଜସ୍ଥାନରେ ୭୩ ମାତୃ ମୃତ୍ୟୁ ହାର ସବୁଠାରୁ କମ ରହିଥିବାବେଳେ ଏହା ପଛକୁ ଓଡ଼ିଶା ଏବଂ ଉତ୍ତର ପ୍ରଦେଶ ୪୯ ରହିଛନ୍ତି। ବିହାର ୪୭ ତୃତୀୟ ସ୍ଥାନ ଅଧିକାର କରିଛି। ରିପୋର୍ଟ ଅନୁସାରେ ୨୦୧୫-୧୭ରେ ଓଡ଼ିଶାରେ ପ୍ରତି ହଜାରେ ପ୍ରସବରେ ୧୬୮ ରହିଥିଲା। ତେବେ ୨୦୧୮-୨୦ ବେଳକୁ ଏହା ୪୯ ପଏଣ୍ଟ ହ୍ରାସ ପାଇ ୧୧୯ରେ ପହଞ୍ଚିଛି। ଜାତୀୟ ହାର ଠାରୁ ଏହା ସାମାନ୍ୟ ଅଧିକ ରହିଛି। ୨୦୦୧-୦୩ରେ ଓଡ଼ିଶାରେ ପ୍ରତି ଏକ ହଜାର ପ୍ରସବରେ ୩୫୮ ମହିଳା ପ୍ରାଣ ହରାଉଥିବା ବେଳେ ୨୦୦୪-୦୬ରେ ୩୦୩, ୨୦୦୭-୦୯ରେ ୨୫୮, ୨୦୧୦-୧୨ରେ ୨୩୫, ୨୦୧୧-୧୩ରେ ୨୨୨, ୨୦୧୪-୧୬ରେ ୧୮୦, ୨୦୧୫-୧୬ରେ ୧୬୮, ୨୦୧୬-୧୮ରେ ୧୫୦, ୨୦୧୭-୧୯ରେ ଏହା ୧୩୬ ରହିଥିଲା। ଚଳିତ ବର୍ଷ ମେ ମାସରେ ଏସଆରଏସ ୨୦୧୭-୧୯ ରିପୋର୍ଟରେ କୁହାଯାଇ ଥିଲା ଯେ ଓଡ଼ିଶାରେ ମାତୃ ମୃତ୍ୟୁହାର ୧୪ ପଏଣ୍ଟ ହ୍ରାସ ପାଇଛି। ଏହି ସମୟରେ ଓଡ଼ିଶା ସମଗ୍ର ଦେଶରେ ୫ମ ସ୍ଥାନରେ ରହିଥିଲା। ସମ୍ପୂର୍ଣ୍ଣା କାର୍ଯ୍ୟକ୍ରମ ଅଧୀନରେ ମାତୃ ମୃତ୍ୟୁ ହାର ରୋକିବା ଲକ୍ଷ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଇଣ୍ଟିଗ୍ରେଡ୍ ଭିଲେଜ ହେଲଥ ସାନିଟେସନ ଏବଂ ପୋଷଣ ଦିବସ କାର୍ଯ୍ୟକ୍ରମ ଅଧୀନରେ ପ୍ରତି ଗର୍ଭବତୀଙ୍କର ଅନ୍ୟୁନ ଚାରି ଥର ସ୍ୱାସ୍ଥ୍ୟ ପରୀକ୍ଷା ସୁନିଶ୍ଚିତ କରାଯାଉଛି। ଡାକ୍ତରଖାନାରେ ପ୍ରସବ ସୁନିଶ୍ଚିତ କରିବା ପାଇଁ ଜନନୀ ଏକ୍ସପ୍ରେସ ପ୍ରଚଳନ କରାଯାଇଥିବାବେଳେ ହାଇ ଡିପେଣ୍ଡେନ୍ସି ୟୁନିଟ ଅତିରିକ୍ତ ମାତୃତ୍ୱ ପ୍ରତିକ୍ଷାଳୟ ଆଦି ପ୍ରତିଷ୍ଠା ସହିତ ପ୍ରସବ ଗୃହର ଗୁଣବତ୍ତା ସୁନିଶ୍ଚିତ କରିବା, ମା ଓ ଶିଶୁ କିଟ ପ୍ରଦାନ ଭଳି ପଦକ୍ଷେପ ନିଆଯାଉଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଜନନୀ ସୁରକ୍ଷା ଯୋଜନା, ଜନନୀ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ, ଲକ୍ଷ୍ୟ, ପ୍ରଥମ ରେଫରାଲ ୟୁନିଟ କାର୍ଯ୍ୟକ୍ରମ ଭଳି ଅନେକ ବ୍ୟବସ୍ଥା କରାଯାଇଛି। ସେହିପରି ଗ୍ରାମାଞ୍ଚଳ ସ୍ତରରେ ଗର୍ଭବତୀ ଓ ଶିଶୁଙ୍କ ପାଇଁ ଏକାଧିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପ୍ରଚଳନ କରାଯାଇଛି। ସର୍ବଭାରତୀୟ ସ୍ତରରେ ମାତୃ ମୃତ୍ୟୁହାର ରୋକିବା କ୍ଷେତ୍ରରେ ଓଡ଼ିଶା ଯେଉଁ ସଫଳତା ପାଇଛି ତାହା ଭାରତର ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ଓ ଉଦାହରଣ ସୃଷ୍ଟି କରିଛି। ତେବେ ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନର ଦାୟିତ୍ୱବୋଧତା ଠାରୁ ଗୁରୁତ୍ୱପୂର୍ଣ୍ଣ ସହଯୋଗୀତା ସମସ୍ତଙ୍କର ରହିଛି। ପ୍ରାୟତଃ ଦେଖାଯାଏ ମା' ମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସ୍ଥାନରେ ଲୋକମାନେ ଘରୋଇ ବା ତୁଟୁକା ତୁଟୁକି ଚିକିତ୍ସାର ସହଯୋଗ ନେଇଥାନ୍ତି କିନ୍ତୁ ଏହା ଆଦୌ ଠିକ ନୁହେଁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ଚିକିତ୍ସାର ମାଗଣା ପରୀକ୍ଷା, ପରାମର୍ଶ ଓ ଔଷଧ ବଣ୍ଟନର ବ୍ୟବସ୍ଥା ରଖିଛନ୍ତି ଏହାର ସୁଯୋଗ ନେବା ଜରୁରୀ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ବ୍ଲକସ୍ତରୀୟ ତ୍ରିରଙ୍ଗା ଶୋଭାଯାତ୍ରା

ପାଟଣା, (ମହାଭାରତ): ପହଲଗାମ୍ ହିନ୍ଦୁଙ୍କ ପ୍ରତି ଆତଙ୍କବାଦଙ୍କ ନେଇ ଭାରତ ସିନ୍ଦୂର ଅପରେସନ ରେ ପାକିସ୍ତାନ କୁ ମୁହଁତୋଡ ଜବାବ ଦେବା ସହ ଆତଙ୍କି ନିପାତ୍ କରି ଦେଶ ବ୍ୟାପି ବିଜୟ ର ତ୍ରିରଙ୍ଗା ଉତ୍ସବ ମନାଉ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ରେ ବ୍ଲକସ୍ତରୀୟ ତିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ କୁ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଙ୍କ ନେତୃତ୍ୱ ରେ ଅନୁଷ୍ଠିତ ହୋଇଛି । ଏହି ଶୋଭାଯାତ୍ରା ପାଟଣା ଆଦେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ଏକ ବିଶାଳ ଶୋଭାଯାତ୍ରା ବାହାରୀ ଭାରତ ମାତା ଜୟ,ପାକିସ୍ଥାନ ମୁଦାବାଦ ନାର ଦେଇ ପାଟଣାବ୍ଲକ କାର୍ଯ୍ୟାଳୟ କୁ ପହଞ୍ଚି ଥିଲା । କାର୍ଯ୍ୟକମ ରେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ,ରାଜ୍ୟ କାର୍ଯକାରିଣୀ ରାଧାକାନ୍ତ ମହାନ୍ତ, ରାଜ୍ୟ ମହିଳା ପରିଷଦ ସଦସ୍ୟ ସୋମବାରୀ ମୁଣ୍ଡା, ବିଧାୟକ ପ୍ରତିନିଧି କମଳା କାନ୍ତ ଦାଶ, ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ,ପାଟଣା ଅଞ୍ଚଳ ଅବସରପ୍ରାପ୍ତ ସେନାସଂଘ ର ସଭାପତି ଉପେନ୍ଦ୍ର ମହାନ୍ତ, ସଂପାଦକ ନାରାୟଣ ବାରିକ୍ ତଥା ଅଞ୍ଚଳବାସୀ ଏହି ଶୋଭାଯାତ୍ରା ସାମିଲ ଥିଲେ ।

## ବୌଦ୍ଧ ଜିଲ୍ଲା ରିପୋର୍ଟର୍ସ ଆସୋସିଏସନ୍ ଗଠିତ

ବୌଦ୍ଧ, (ମହାଭାରତ): ହରଭଙ୍ଗା ବ୍ଲକ ଚାରିଛକସ୍ଥିତ ଅଂଶୁଲା ରିସର୍ଟଠାରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସିଂହଙ୍କ ଅଧ୍ୟକ୍ଷତାରେ ବୌଦ୍ଧ ଜିଲ୍ଲା ରିପୋର୍ଟର୍ସ ଆସୋସିଏସନ୍ ଗଠିତ ଏବଂ ନୂତନ ସଂଘ ର କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଅତିଥିଭାବେ ଅଲ୍ ଓଡିଶା ରିପୋର୍ଟର୍ସ ଆସୋସିଏସନ୍ ରାଜ୍ୟ ସଭାପତି ଡ଼ଃ ସୁଧାଂଶୁ ଶେଖର ରାଉତ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ଶାଖାର ସଭାପତି ବିନାୟକ ବେହେରା ଯୋଗ ଦେଇଥିଲେ । ସଭା କାର୍ଯ୍ୟ ପୂର୍ବରୁ ଅଧିଷ୍ଠାତ୍ରୀ ଦେବୀ ମାଁ ଭୈରବୀଙ୍କ ନିକଟରେ ଧୂପ ଓ ଦୀପ ପ୍ରଜ୍ୱଳନ କରି ନିମନ୍ତ୍ରିତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବୈଠକରେ ସାମ୍ବାଦିକ ସୁରକ୍ଷା ଉପରେ ଆଲୋଚନା ହେବା ସହିତ ତୃଣମୂଳସ୍ତରରେ ଲୋକଙ୍କ ମୌଳିକ ସୁବିଧାକୁ ସରକାରଙ୍କ ନିକଟରେ ଉପସ୍ଥାପନା କରିବା ଦିଗରେ ପ୍ରାଧାନ୍ୟ ଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା ଏବଂ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କମିଟି ଗଠନ କରାଯାଇଥିଲା । ସଂଘର ରାଜ୍ୟ ସଭାପତି ସୁଧାଂଶୁ ଶେଖର ରାଉତଙ୍କ ଉପସ୍ଥିତରେ ଜିଲ୍ଲା ସଭାପତି ଭାବରେ ଭାଗବତ ମେହେର ଏବଂ ଅବଦୁଲ ମହସିନ ଖାନଙ୍କୁ ସମ୍ପାଦକ ଭାବେ ଚୟନ କରାଯାଇଥିଲା । କନ୍ଧମାଳ ବ୍ଲକ ସଭାପତି ବଳରାମ ବାଘ ଏବଂ ସମ୍ପାଦକ ବାସୁଦେବ ଷଣ୍ଡ, ବୌଦ୍ଧ ବ୍ଲକ ସଭାପତି ସୁମନ୍ତ ମେହେର ଏବଂ ସମ୍ପାଦକ ଆଶିଷ ଠାକୁର, ହରଭଙ୍ଗା ବ୍ଲକ ସଭାପତି ଅକ୍ଷୟ ମହାକୁଡ଼ ଓ ସମ୍ପାଦକ ଭାବରେ ବିଭୁଦତ୍ତ ବୋଷଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା । ସଂଘକୁ ବ୍ଲକସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସୁଦୃଢ କରିବା ପାଇଁ ନିମନ୍ତ୍ରିତ ଅତିଥି ଉପସ୍ଥିତ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲା ଶାଖା ତରଫରୁ ରାଜ୍ୟ ସଭାପତିଙ୍କୁ ଏକ ମାନପତ୍ର ଦିଆଯାଇଥିଲା । ଶେଷରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ ବୌଦ୍ଧ ଜିଲ୍ଲାର କନ୍ଧମାଳ, ବୌଦ୍ଧ ଓ ହରଭଙ୍ଗା ବ୍ଲକର ସାମ୍ବାଦିକ ବନ୍ଧୁମାନେ ଯୋଗ ଦେଇଥିଲେ ।

## ମହିଳାଙ୍କ ଅଭିଯୋଗ ରଖୁଲାନି ପୁଲିସ: କୋର୍ଟର ଆଶ୍ରୟ ନେଲେ ସୁନିତା

ହାଟଡିହ, (ମହାଭାରତ): କେନ୍ଦୁଝର ଜିଲା ହାଟଡିହି ବ୍ଲକର ନନ୍ଦିପଦା ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ସାରଙ୍ଗ ମୁଖି ପତ୍ନୀ ସୁନିତା ମୁଖୀ ନନ୍ଦିପଦା ଥାନା କୁ ଅଭିଯୋଗ କରିବା କୁ ଆସିଥିବାବେଳେ ତାଙ୍କର ଅଭିଯୋଗ କୁ ରଖାନଯାଇ ତାକୁ ଦୀର୍ଘ ସମୟ ବସାଇ ବିଦା କରିଦେବାରୁ ସେ କୋର୍ଟରେ ଆଶ୍ରୟ ନେଇଛନ୍ତି । ଏହା କୁ ନେଇ ଚର୍ଚ୍ଚା ଜୋର ଧରିଛି । ସୁନିତା ଙ୍କ ଅଭିଯୋଗ ଅନୁଯାଇ ତାଙ୍କ ଝିଅ ମାମନ ମୁଖୀ ଘର ଆଗର ବସିଥିବାବେଳେ ସେହି ଗ୍ରାମର ଶଙ୍କର ମୁଖୀ ମଦ୍ୟପାନ କରି ମୋ ଝିଅ ମାମନ କୁ ଗାଳି ଗୁଲଜ କରିବା ସହିତ ଟଣା ଓଟରା କରିଥିଲେ । ସେ ଚିତ୍କାର କରିବାରୁ ମୁଁ ସେଠାରେ ପହଂଚି ଦେଖିଲି ବାଦଲ ମୁଖୀ, ସୁନିତା ମୁଖୀ ବାସନ୍ତି ମୁଖି, ବଗ ମୁଖୀ ସମସ୍ତେ ଆସି ପାଟି ତୁଣ୍ଡ କରୁଛନ୍ତି । ମୁଁ ପଚାରିବାରୁ ମୋତେ ଠେଲା ପେଲା କଲେ ଓ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ । ଏହା କୁ ନେଇ ମୋ ସ୍ୱାମୀ ସାରଙ୍ଗ ସେଠାରେ ଖବର ପାଇଁ ପହରଂବାରୁ ଗାଳି ଗୁଲଜ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏହା କୁ ନେଇ ଗ୍ରାମରେ କିଛି ଭଦ୍ର ଲୋକ ସମାଧାନ କରିବାକୁ ଉଦ୍ୟମ କରିଥିଲେ । ସମାଧାନ ନହେବାରୁ ଗତ ୨୫/୪/୨୦୨୫ରେ ନନ୍ଦିପଦା ଥାନାରୁ ଅଭିଯୋଗ କରିବାକୁ ଯାଇଥିଲେ । କିନ୍ତୁ ଥାନାରେ ତାଙ୍କୁ ସକାଳୁ ବସାଇ ରାତି ୧୦ ଟା ରେ ମକଦ୍ଦମା ରୁଜ ହୋଇ ପାରିବ ନାହିଁ କହି ଫେରାଇ ଦେଇଥିଲେ । ତା ଭିତରେ ଥାନା ର ଏଏସଆଇ ଅଧିକାରୀ ମାନେ ବିଭିନ୍ନ କଥା କହିଥିବା ଅଭିଯୋଗ କରିଛନ୍ତି । ନନ୍ଦିପଦା ଥାନା ଠାରୁ ନିରାଶ ହୋଇ ଫେରିବା ପରେ ଜେଏମଏଫସି କୋର୍ଟ ହାଟଡିହ ରେ ଆଶ୍ରୟ ନେଇ ନ୍ୟାୟ ପାଇବେ ବୋଲି ଆଶା ବାନ୍ଧିଥିବା ସୁନିତା ମୁଖୀ କହିଛନ୍ତି । ମୁଖ୍ୟ ମନ୍ତ୍ରୀ ଙ୍କ ଜିଲାରେ ସାଧାରଣ ଗରିବ ଲୋକ ନ୍ୟାୟ ପାଉନଥିବା ମଧ୍ଯ ସୁନିତା ମୁଖ୍ୟ ଅଭିଯୋଗ କରିଛନ୍ତି । ଜିଲ୍ଲା ଏସପି ନୀତିଶ କୁମାର ଏଥିପ୍ରତି ସମକ୍ଷା କରି ଦୃଷ୍ଟି ନଦେଲେ ସାଧାରଣ ଗରିବ ଲୋକଙ୍କର ବିଶ୍ୱାସ ପୋଲିସ ଉପରେ ତୁଟି ଯିବ ବୋଲି କୁହାଯାଉଛି ।

## ବାଲିପାଟଣା ବିଜେପି ପକ୍ଷରୁ ଦଳିତ ସଭା

ବାଲିପାଟଣା, (ମହାଭାରତ): ଆଜି ଜୟଦେବ ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି ଓ ଦଳିତ ଉନ୍ନୟନ ପରିଷଦର ମିଳିତ ଆନୁକୁଲ୍ୟରେ ବାଲିପାଟଣା ଅଞ୍ଚଳର ଆରାଧ୍ୟ ଦେବୀ ମା ଗିରୀଙ୍ଗେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଜୟଦେବ ସଚେତନତା ଓ ଦଳିତ ଉନ୍ନୟନ ଅଭିଯାନ



କାର୍ଯ୍ୟକ୍ରମ ଉନ୍ନୟନର ସଭାପତି ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି ।ଏଥିରେ ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ରୁ ୫୦୦ରୁ ଅଧିକ ଜନସାଧାରଣ ଉପସ୍ଥିତ ଥିଲେ !ବିଜେପି ନେତା ତଥା ଅଖିଳ ଭାରତୀୟ ଧୋବୀ ମହାସଂଘର ଉପସଭାପତି ମାଗୁଣି ଚରଣ ସେଠୀ, ବିଜେପି ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ସମ୍ପାଦକ ଜଗନ୍ନାଥ ବେହେରା, ବାଲିପାଟଣା ବ୍ଲକ ବରିଷ୍ଠ ନାଗରିକ ସଂଘ ସଭାପତି ଦିଲ୍ଲୀପ କୁମାର ସେଠୀ, ଜୟଦେବ ବିଜେପି ନାରୀନେତ୍ରୀ ତଥା ସମାଜସେବୀ ଝିଲି ସାମନ୍ତରା, ସୁଲୋଚନା ମହାନ୍ତି ଅତିଥି ଭାବେ ଯୋଗଦେଇ ଦଳିତ ସମାଜର ଉନ୍ନତି ଉପରେ ସେମାନଙ୍କ ବକ୍ତବ୍ୟ ରଖିଥିଲେ । ସମ୍ପାଦକ କରୁଣାକର ଭୋଇ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ରାଜନେତା ରଶ୍ମି ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ । ସଂସ୍ଥା ତରଫରୁ ଗତ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଅଞ୍ଚଳର ଅନେକ କୃତୀ ଛାତ୍ର ଓ ଅନେକ ଅବସରପ୍ରାପ୍ତ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଅଜଣା ରୋଗର ଆତଙ୍କ

ମାଲକାନଗିରି, (ମହାଭାରତ): ଜିଲ୍ଲା ପଡିଆ ଗ୍ରାମରେ ଅଜଣା ରୋଗରେ ଆତଙ୍କର ଭୟ । ଏକ ମାସରେ ୨୦୦ ପରିବାର ର ୫୦୦ ରୁ ଉର୍ଦ୍ଧ୍ୱ ଲୋକେ ଆକ୍ରାନ୍ତ ହୋଇଛନ୍ତି । ହାତ, ଗୋଡ଼, ମୁହଁ, ଫୁଲି କୋଲବଲ କରୁଛି ଅଜଣା ରୋଗ । ପଡିଆ ଗ୍ରାମରେ ଏକ ପ୍ରକାର ଆତଙ୍କର ଭୟ ଦେଖିବାକୁ ମିଳିଛି । ପ୍ରଥମେ ଆଣ୍ଠୁ, ଗଣ୍ଠି, ବ୍ୟଥା ହେବା ସହ ଜ୍ୱର ଲାଗି ରହୁଛି । ଏହିପରିକି ଆଣ୍ଠୁ, ଗଣ୍ଠି ଫୁଲି କୁଣ୍ଡେଇ ହେବା ସହ ମୁହଁ କଳା ହେବାର ଚିତ୍ର ଦେଖାଯାଉଛି । ପଡିଆ ମେଡିକାଲରେ ଚିକିତ୍ସା ପରେ ବି କମୁନି ଆଣ୍ଠୁଗଣ୍ଠିର ଯନ୍ତ୍ରଣା । ସମସ୍ତ ଟେଷ୍ଟର ରିପୋର୍ଟ ନେଗେଟିଭ ଆସୁଛି କିନ୍ତୁ ମେଡିକାଲରୁ ଚିକିତ୍ସା ପରେ ବି ପିଚା ଛାଡୁନି ଅଜଣା ରୋଗ । ଏହା କୌଣସି ଭାଇରସ ହୋଇପାରେ ବୋଲି ଲୋକେ ଅନୁମାନ କରୁଛନ୍ତି । ତୁରନ୍ତ ଏକ ମେଡିକାଲର ସ୍ୱତନ୍ତ୍ର ଟିମ ପହଁଚି ସ୍ଥିତି ଅନୁଧ୍ୟାନ କରିବାକୁ ଆକ୍ରାନ୍ତକାରୀ ମାନେ ଗୁହାରି କରିଥିଲେ । ଆଜି ଏକ ସ୍ୱତନ୍ତ୍ର ଟିମ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରୁଛି ।

# କାଶିଆ ପାଇଁ ବିପଦ ସାଜିବ କାରଖାନା

ଯୋଡା, (ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡା ଅନ୍ତର୍ଗତ କାରା ଖେଣ୍ଡରା । ପାଇଁ କାଳ ସାଜୁଛି କାସିଆ ପାଇଁ କାଳ ସାଜିବ କାରଖାନା ଏହି ଗ୍ରାମ ପଞ୍ଚାୟତ ରେ କଲହୋ ବରପଦ । ଗ୍ରାମରେ ଏକ କାରଖାନା ପ୍ରତିଷ୍ଠା ହେବାକୁ ଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୁ ଅନୁମୋଦନ ପାଇଁ ଦୁବେ ବ୍ରୋଦର୍ସ ଆଇରନ ଏଣ୍ଡ ମେଟ । ଲସ୍ ପ୍ରାଇଭେଟ୍ ଲିମିଟେଡ ଆବେଦନ କରିଛି ।କଲ୍ହୋ ବରପଦ । ମୌଜା ର ୧.୭୬୮ ଅଞ୍ଚଳରେ ଏକ ଲୌହ ବେନିଫିସିଏସନ ପ୍ଲାଣ୍ଟ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପରିବେଶିୟ ମଞ୍ଜୁରୀ ନିମନ୍ତେ ଆବେଦନ ହୋଇଛି । ଏହି କାରଖାନା ସମ୍ପର୍କରେ ସୂଚନା ଦେଇ ପ୍ରଦୀପ ଦୂବେ କହିଛନ୍ତି ଯେ,ଏହା ଏକ ୱାସିଂ ପ୍ଲାଣ୍ଟ ,ବର୍ଷ କୁ ପ୍ରାୟ ଏକ ଲକ୍ଷ ଟନ ଲୁହାପଥର ୱାଶିଂ କରାଯିବ । ଅତୀତରେ ଏହି କାରଖାନା ପାଇଁ ପରିବେଶିୟ ଅନୁମୋଦନ ଆବଶ୍ୟକତା ପଡୁ ନ ଥିଲା । ଜନ ଶୁଣାଣି ପରେ କାରଖାନା ପାଇଁ ଆବଶ୍ୟକ ପଡୁଥିବା ଜଳ କୁ ନିକଟସ୍ତ ଏକ ନାଳ ରୁ ବ୍ୟବହାର ପାଇଁ ଅନୁମତି ମଗାଯିବ ବା ଗ୍ରାଉଣ୍ଡ ୱାଟର କୁ ବ୍ୟବହାର କରାଯିବ ।ନିଯୁକ୍ତି ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ,ଏଥିରେ ଦୁଇ ରୁ ୫ ଜଣ ନିଯୁକ୍ତି ପାଇବେ ।ଏଥିରୁ ସହଜରେ ଅନୁମାନ କରାଯାଇ ପାରେ କି,ଶିଳ୍ପ ସଂସ୍ଥା ଅଞ୍ଚଳ ରୁ ନେଉଛି କେତେ,ଆଉ ଅଞ୍ଚଳ ରେ ନିଯୁକ୍ତି ଦେଉଛି କେତେ । ତେଣେ ନାଳ ଶୁଖିଯିବ । ଆଶଙ୍କାରେ କାଶିଆ,କଲହୋ ବରପଦ । ଗ୍ରାମର ଲୋକ ମାନେ ଚିନ୍ତାରେ ପଡିଛନ୍ତି ।ଏପରିକି କାଶିଆ ନାଳ ର ପୂର୍ବ ଅପେକ୍ଷା ହ୍ରାସ ପାଇଥିବା ଗ୍ରାମବାସୀ କହିଛନ୍ତି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଜିଲ୍ଲା ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କରଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଗୋଟିଏ ଟନ୍ ଖଣିଜ ପ୍ରଡକ୍ସନ ପାଇଁ ଜନ ଶୁଣାଣି ର ଆବଶ୍ୟକତା ରହି ଥାଏ ।ଏହି ବେନିଫିଶିଏସନ୍ ପ୍ଲାଣ୍ଟ ପାଇଁ ଜନ ଶୁଣାଣି ଦରକାର ଅଛି ।ଏହି ବେନିଫିଶିଏସନ୍ ପ୍ଲାଣ୍ଟ ରେ ଆବଶ୍ୟକତା ହେଉଥିବା ଗ୍ରାଉଣ୍ଡ ୱାଟର ର ଅନୁମତି ମିଳିବ ନାହିଁ । ଗ୍ରାଉଣ୍ଡ ୱାଟର କେବଳ ଡୋମେଷ୍ଟିକ ବ୍ୟବହାର ପାଇଁ ଅନୁମତି ମିଳୁ ଅଛି , କମରସିଆଲ କିମ୍ବା ଇଣ୍ଡଷ୍ଟ୍ରିଆଲ ବ୍ୟବହାର ପାଇଁ ଏହା ମିଳୁ ନାହିଁ ବୋଲି କହିଥିଲେ । ଆଜି ପର୍ଯ୍ୟନ୍ତ ଏ ଅଞ୍ଚଳରେ ଗୋଟିଏ ହେଲେ ଷ୍ଟିଲ କାରଖାନା କିମ୍ବା ଫିନିସ୍ ଡ ପ୍ରଡକ୍ଟ କାରଖାନା ହୋଇ ନ ଥିବା ବେଳେ ଏହି ଭଳି ଛୋଟ ଛୋଟ କାରଖାନା ଗଢି ଉଠିଛି ।

# ୯୫ତମ ତମ ଲବଣ ସତ୍ୟାଗ୍ରହ ସମାରୋହ

ଅସ୍ତରଙ୍ଗ, (ମହାଭାରତ): ପୁରୀଜିଲ୍ଲା ଅସ୍ତରଙ୍ଗ ସ୍ଥିତ କୁହୁଡି ଠାରେ ଆଜି ୯୫ ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ସମାରୋହ ୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ,ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉତ୍କଳ ସଂଗ୍ରାମୀ ସ୍ମୃତିସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅମୀୟ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ।





କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା, ବକ୍ତା ଗାନ୍ଧୀ ବିଚାରକ ପ୍ରହ୍ଲାଦ ସିଂହ,ସମ୍ମାନିତ ଅତିଥି ଜଗତସିଂହପୁର ସାଂସଦ ବିଭୂପ୍ରସାଦ ତରାଇ,ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକ, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ବିଧାୟକ ତୁଷାରକାନ୍ତି ବେହେରା, ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ,ରବି ମଲ୍ଲିକ, ସମାଜସେବୀ ଦିବାକର ଛାଟୋଇ,ଅନ୍ୟାନ୍ୟ ନେତୃବୃନ୍ଦ, ସମାଜସେବୀ ଓ ବୁଦ୍ଧିଜୀବୀ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ଅସ୍ତରଙ୍ଗ ଆଗମନରେ ଜିଉଁନ୍ତି ଛକରେ କେନ୍ଦ୍ରାପାଟି ମହିଳା ମହାସଂଘ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କଲାବେଳେ ଶତାଧିକ ବିଜେପି କର୍ମୀଙ୍କ ଗହଣରେ ଯାଇ ସେ କୁହୁଡିରେ ପହଞ୍ଚିଥିଲେ । ଅତିଥିମାନେ କୁହୁଡିରେ ସ୍ମୃତି ପୀଠରେ ବୀରପୁତ୍ରଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା, ପୀଠ ପୋଖରୀ ହୁଡାରେ ବୃକ୍ଷ ରୋପଣ, ସଂସ୍କୃତି ବିଭାଗ ପକ୍ଷରୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଅବସ୍ଥାପିତ ପ୍ରତିମୂର୍ତ୍ତୀକୁ ଉନ୍ମୋଚନ କରିଥିଲେ । ଅତିଥି ବୃନ୍ଦ ସତ୍ୟାଗ୍ରହୀଙ୍କର ତ୍ୟାଗପୂତ ସମ୍ପର୍କରେ ସ୍ମୃତିଚାରଣ, ସ୍ୱାଧିନତାରେ ଲବଣ ସତ୍ୟାଗ୍ରହରେ ଭୂମିକା,ସତ୍ୟାଗ୍ରହ ପୀଠ କୁହୁଡି ମାଟିରେ ସଂଗ୍ରାମୀଙ୍କ ବୀରତ୍ୱ,ବଳିଦାନ ଓ ପରାକାଷ୍ଠା ସମ୍ପର୍କରେ ଲବଣ ବଖାଣିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ପରିଡା ନିଜ ଅଭିଭାଷଣରେ ସତ୍ୟାଗ୍ରହୀଙ୍କର ଅବଦାନ ଓ ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ତ୍ୟାଗ ଅବର୍ଣ୍ଣନୀୟ ବୋଲି କହିଥିଲେ । କୁହୁଡି ଏକ ଐତିହାସିକ ସ୍ଥାନ ଓ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ସହ କୁହୁଡିର ବିକାଶ ପାଇଁ ୫ କୋଟି ଟଙ୍କା ଘୋଷଣା କରିଛନ୍ତି । ଏଠାରେ ଦାଣ୍ଡି ମାର୍ଚ୍ଚ ର ପ୍ରତିକୃତି, ଇଣ୍ଟର ପ୍ରିଟେସନ ସେଣ୍ଟର ଓ ପୀଠକୁ ଲାଗିଥିବା ଅଙ୍ଗନବାଡିକୁ ସକ୍ଷମ କେନ୍ଦ୍ର ହେବ ବୋଲି ସେ କହିଛନ୍ତି । ଅସ୍ତରଙ୍ଗରେ ବନ୍ଦର, ପର୍ଯ୍ୟଟନ, ରାଜପଥ ଓ ସମୁଦ୍ର ଦୁଃସାହସିକ କ୍ରୀଡା ବା ଆଡଭେନଚର ସ୍ପୋର୍ଟ୍ସର ବିକାଶ ହେବା ସହ ସଂଘର୍ଷର ମାଟି ଶକ୍ତିଶାଳୀ ହେବ ବୋଲି ସେ ସୂଚନା ଦେଇଛନ୍ତି । ସେହିପରି ସାଂସଦ ଶ୍ରୀ ତରାଇ କୁହୁଡିକୁ ଆଦର୍ଶ ଗ୍ରାମ ଗ୍ରହଣ କରିବାକୁ ସୂଚନା ଦେବା ସହ ୧୯୩୦ରେ ଲବଣ ସତ୍ୟାଗ୍ରହ,୧୯୪୨ ରେ ଭାରତ ଛାଡ ଆନ୍ଦୋଳନ ଓ ୧୯୪୭ ସ୍ୱାଧୀନତା ରେ ସଂଗ୍ରାମୀ ଙ୍କ ସଂଘର୍ଷର ପଟାନ୍ତର ନାହିଁ ବୋଲି କହିଥିଲେ । ସେହିପରି ମୁଖ୍ୟ ବକ୍ତା ବିଶିଷ୍ଟ ପ୍ରହଲ୍ଲାଦ ସିଂହ ଲବଣ ସତ୍ୟାଗ୍ରହ ଓ ମହାତ୍ମାଗାନ୍ଧୀଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିବିଧ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ଓ କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ ପ୍ରତ୍ୟୁଷରୁ ରାମଧୂନ, ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ତୋ ପରିବେଷଣ, ବ୍ଲକ ନିକଟରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତି ଓ ବ୍ଲକ ପରିସରରେ ସହୀଦ ସ୍ମୃତି ଫଳକରେ ମାଲ୍ୟାର୍ପଣ କରାଯାଇଥିଲା । ଲବଣ ସତ୍ୟାଗ୍ରହ ଉପରେ ଆଧାରିତ ପାଲା ପରିବେଷଣ, ସଂସ୍କୃତି ବିଭାଗ ନାଚଘର ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଅପରେସନ ସିନ୍ଦୂରର ସଫଳତା ପାଇଁ ସେନାକୁ ଧନ୍ୟବାଦ ଜଣାଇ ଏକ ତ୍ରିରଙ୍ଗା ଶୋଭାଯାତ୍ରା ହୋଇଥିଲା । ସ୍ଥାନୀୟ ବିଡ଼ିଓ ସସ୍ମିତା ବେହେରା, ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଉତ୍କଳ ସଂଗ୍ରାମ ସ୍ମୃତିସମିତିର ଆୟୋଜିତ କାର୍ଯ୍ୟକ୍ରମରେ ସଂଗ୍ରାମୀ ସ୍ମୃତି ସମିତିର ସଂଗଠନ ସମ୍ପାଦକ ସତ୍ୟବ୍ରତ ଲେଙ୍କା ସମେତ ପବିତ୍ର ସ୍ୱାଇଁ, ଅର୍ଜୁନ ମଲ୍ଲିକ,ସମ୍ପାଦକ କାଳିନ୍ଦୀ ଚରଣ ଛାଟୋଇ,ସଂଗଠନ ସତ୍ୟବ୍ରତ ଲେଙ୍କା, ଭୋଳାନାଥ ସ୍ୱାଇଁ, ପବିତ୍ର ସ୍ୱାଇଁ,ଅର୍ଜୁନ ମଲ୍ଲିକ, ପ୍ରଧାନ ଶିକ୍ଷକ ତରୁଣ କୁମାର ନାୟକ ପ୍ରମୁଖ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ସମାଜସେବୀ ଦିବାକର ଛାଟୋଇ, ଲୋକ ପ୍ରତିନିଧି, ସରକାରୀ ଅଧିକାରୀ ଓ କର୍ମଚାରୀ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରିଥିଲେ । କରିବା ବେଳେ ସ୍ମୃତି ସମିତିର ସମ୍ପାଦକ କାଳିନ୍ଦୀ ଚରଣ ଛାଟୋଇ ମଞ୍ଚ ପରିଚାଳନା କରିଥିଲେ ।ଏହି ସମାରୋହରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାବିଦ୍ୟାଳୟରେ ନାକ ଟିମ ସହ ପୁରାତନ ଛାତ୍ରଙ୍କ ଆଲୋଚନା

ଅନୁଗୋଳ,(ମହାଭାରତ ): ଅନୁଗୋଳ - ନାକ ଟିମ ର ତିନିଜଣିଆ ସଦସ୍ୟ ମାନଙ୍କ ସହିତ ଅନୁଗୋଳ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ସଦସ୍ୟ ମାନଙ୍କର ମହାବିଦ୍ୟାଳୟର ଆକଳନ ଓ ବିଭିନ୍ନ ପ୍ରସଙ୍ଗ ପାଇଁ ଏକ ଆଲୋଚନା ଆଭାସୀ ମାଧ୍ୟମରେ ସ୍ଥାନୀୟ ଅନୁଗୋଳ ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ବିଭିନ୍ନ ଉନ୍ନତି ଦିଗରେ ପୁରାତନ ଛାତ୍ର ମାନେ କେଉଁ ପ୍ରକାରର ସାହାଯ୍ୟ ଓ ସହଯୋଗ କରିଛନ୍ତି ସେ ବିଷୟରେ ନାକ ଟିମ ଜାଣିବାକୁ ଚାହିଁଥିଲେ । ପୁରାତନ ଛାତ୍ର ସଂସଦ ଦ୍ୱାରା ବିଭିନ୍ନ ସମୟରେ କରାଯାଇଥିବା ମହାବିଦ୍ୟାଳୟର ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଷୟରେ ସେମାନଙ୍କୁ ଅବଗତ କରାଯାଇଥିଲା । ସେହିପରି ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ମାନେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ କ୍ୟାବିନେଟ ମନ୍ତ୍ରୀ ହୋଇଥିବା କଥା ସେମାନେଙ୍କୁ ଅବଗତ କରାଯାଇଥିଲା । ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ ମାନେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସଂସ୍ଥାରେ ଡାକ୍ତର, ଇଞ୍ଜିନିଅର, ବୈଜ୍ଞାନିକ, ଅଧ୍ୟାପକ, ପ୍ରଶାସନିକ ଅଧିକାରୀ, ସାମ୍ବାଦିକ, ସମାଜସେବୀ କାର୍ଯ୍ୟରତ ଥିବା ସେମାନଙ୍କୁ ସଂସଦ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା । ନାକ ଟିମ ସଦସ୍ୟ ମାନେ ପୁରାତନ ଛାତ୍ର ମାନଙ୍କ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିଥିଲେ ।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ନିମ୍ନ ମାନର କାର୍ଯ୍ୟ କୁ ନେଇ ଜନ ଅସନ୍ତୋଷ

ରାଇରଙ୍ଗପୁର, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନୀ ସ୍ଥିତ ଡୁଙ୍ଗୁରି ସାହି ଠାରେ ୨୦୧୩ ମସିହା ରୁ ସ୍ଥାପିତ ହୋଇଥିବା ଲୁହାକାନୀ ପଞ୍ଚାୟତର ଆର୍ ଆଇ ଅଫିସ୍ ୨୦୨୫ ତଥା ବାର ବର୍ଷ ପରେ ବୁଧବାର ମୂଖ୍ୟ ଅତିଥି ଭାବେ ବିଶୋଇ ଅତିରିକ୍ତ ତହସିଲଦାର ଦେବାଶିଷ ଆଚାର୍ଯ୍ୟ ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଲୁହାକାନୀ ପଞ୍ଚାୟତ ସରପଞ୍ଚ ସଲମା ଟୁଡୁ, ସମିତି ସଭ୍ୟ ଦିଲିପ ଗିରି, ବିଶୋଇ ମଣ୍ଡଳ ସଭାପତି ବନମାଳୀ ଗିରି, ୱାର୍ଡ୍ ମେମ୍ବର ଭୁବନ ବେହେରା, ପୂର୍ବତନ ୱାର୍ଡ୍ ମେମ୍ବର ଶଙ୍କର ହେମ୍ବ୍ରମ, ପଙ୍କଜ ବେହେରା,ଦେବୁ ଗିରି, ବେନଞ୍ଜାମିନ ମହାନ୍ତ , ଶୁଶାନ୍ତ ମହାନ୍ତ,କାନ୍ଦ୍ରା ମୁର୍ମୁ, ସାମ୍ବାଦିକ ଆନୁୱାର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ ।ଲୁହାକାନୀ ଆର୍ ଆଇ ଶ୍ରୀଧର ସିଂ ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟିତ ଉତ୍ସବରେ ବିଶୋଇ ରେଭ୍ୟୁନ୍ୟୁ ସୁପରଭାଇଜର ଦିଲିପ୍ କୁମାର ପାତ୍ର, ସୁମନ୍ତ କୁମାର ସାହୁ ଏ.ଆର୍.ଆଇ.-ଲୁହାକାନୀ,କାମାକ୍ଷା ପ୍ରସାଦ ପାଣିଗ୍ରାହୀ ଏ.ଆର୍.ଆଇ. ଏବଂ ଆର୍. ଆଇ.ପ୍ରଶାନ୍ତ କୁମାର ବେହେରା-ବିଶୋଇ, ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ ।





ତେବେ ଦୀର୍ଘ ୧୨ ବର୍ଷ ପରେ ଲୁହାକାନୀ ପଞ୍ଚାୟତର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଶୁଭ ଉଦଘାଟନ କୁ ନେଇ ଖୁସି ହେବା ସହିତ, କାର୍ଯ୍ୟାଳୟ ର ଅତି ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଦେଖି ଗ୍ରାମବାସୀମାନେ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଏହି କାର୍ଯ୍ୟର ସମୀକ୍ଷା ପାଇଁ ପ୍ରଶାସନ କୁ ଗଣମାଧ୍ୟମ ପାଖରେ ନିବେଦନ କରିଛନ୍ତି । ଏବଂ ଏଥି ସହିତ ଲୁହାକାନୀ ଆର୍.ଆଇ. ଶ୍ରୀଧର ସିଂ ଗୁରୁବାର ପାଖରୁ ଅଫିସ୍ କାର୍ଯ୍ୟକ୍ରମ ଆରମ୍ଭ କରିବା ସହିତ ଲୁହାକାନୀ ପଞ୍ଚାୟତ ବାସିନ୍ଦାଙ୍କୁ ଉତ୍ତମ ସେବା ଯୋଗାଇ ଦେବେ ବୋଲି ପ୍ରକାଶ କରିବା ସହିତ ପାନିୟ ଜଳର ସୁବ୍ୟବସ୍ଥା ପାଇଁ ଅଭିଯୋଗ କରିଛନ୍ତି ।

## ପ୍ରାକୃତିକ ବିପର୍ଜୟ ପରିଚାଳନା କମିଟି ବୈଠକ

ଦେବଗଡ଼ , (ମହାଭାରତ): ଆଗାମୀ ମୌସୁମୀ ପ୍ରବାହକୁ ଦୃଷ୍ଟି ରେ ରଖି କୌଣସି ପ୍ରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଅଧ୍ୟକ୍ଷ ଜିଲ୍ଲାପରିଷଦ କୌଶିକ କୁମାର ପ୍ରଧାନ, ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର, ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଯୋଗଦେଇ ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସଙ୍ଗେ ସଙ୍ଗେ ଏଭଳି ପରିସ୍ଥିତି କୁ ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ପରାମର୍ଶ ଦେଇଥିଲେ । ବୈଠକରେ କୃଷି ବିଭାଗ, ଶକ୍ତି ବିଭାଗ,ପଶୁ ସମ୍ପଦ ବିଭାଗ, ମତ୍ସ୍ୟ ବିଭାଗ,ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ପୌରପରିଷଦ, ଜଙ୍ଗଲ ବିଭାଗ, ପଞ୍ଚାୟତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନି ଶ୍ରମ ବିଭାଗ ଓଡ୍ରାପ ଟିମ୍ ର ଉପସ୍ଥିତି ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ସମ୍ଭାବ୍ୟ ପରିସ୍ଥିତି ର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାପାଳ ଶ୍ରୀ ସାହୁ ମୌସୁମୀ ପ୍ରବାହ ପୂର୍ବରୁ କୃଷି ବିଭାଗ ପକ୍ଷରୁ ବିହନ, ସାର ଏବଂ କୀଟନାଶକ ଔଷଧ ଇତ୍ୟାଦି ଗଚ୍ଛିତ ରଖିବା, ଶକ୍ତି ବିଭାଗ ପକ୍ଷରୁ ମରାମତି ନିମନ୍ତେ ଆବଶ୍ୟକିୟ ସରଞ୍ଜାମ ଗଚ୍ଛିତ ଓ ବନ୍ୟା ଅଞ୍ଚଳରେ ଥିବା ସମସ୍ତ ଇଲେକ୍ଟ୍ରିକ ପୋଲ ଗୁଡିକୁ ମରାମତି ଓ ମହଜୁତ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ମୌସୁମୀ ବର୍ଷା ଯଥେଷ୍ଟ ପୂର୍ବରୁ ଦୁର୍ଗମ ଅଞ୍ଚଳରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ ଜିଲ୍ଲା ଖାଦ୍ୟ ଯୋଗାଣ ବିଭାଗ କୁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ବିଧାୟକ ଶ୍ରୀଯୁକ୍ତ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଆଗାମୀ ବର୍ଷା ପୂର୍ବରୁ ବାକିଥିବା ରାସ୍ତା, କଲଭଟ ଇତ୍ୟାଦିକୁ ସମ୍ପୂର୍ଣ୍ଣ କରିବା ପାଇଁ ରାସ୍ତା ଓ ସୌଧ ବିଭାଗକୁ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଜିଲ୍ଲା ସଦର ମହକୁମା ଡାକ୍ତରଖାନା, ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଅତ୍ୟାବଶ୍ୟକୀୟ ଔଷଧ, ଓଆରଏସ୍ ଏବଂ ସାପ କାମୁଡ଼ା ଇଞ୍ଜେକ୍ସନ ମହଜୁଦ ରଖିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ଶ୍ରୀ ସାହୁ ପରାମର୍ଶ ଦେଇଥିଲେ ।

# ଆଜି ଅଲୋଡ଼ା ହୋଇଯାଇଛନ୍ତି ବିଶ୍ୱକର୍ମା ଗନ୍ଧର୍ବ

ଅସ୍ତରଙ୍ଗ, (ମହାଭାରତ): ଅତୀତରୁ ଆରମ୍ଭ କରି ଆଜି ଆମ ସମାଜ ଆଇନା ରେ ଆମେ ଯେ କୌଣସି ସୁନ୍ଦରିଆ କାଠ ନିର୍ମିତ ବସ୍ତୁକୁ ଦେଖୁଛେ ଯାହା ଅଧିକ ଆକର୍ଷଣ ଆମକୁ କରୁଛି ଆପଣ ଜାଣିଥିବେ ଏହା ପଛରେ ଜଣେ ସୁନ୍ଦର ବିଶ୍ୱକର୍ମା ବିନ୍ଧାଣୀ ଙ୍କର ରହିଛି ଚମତ୍କାରୀତା, ଠିକ ସେହିପରି ଆମେ ଆଜି ଅସ୍ତରଙ୍ଗ ଅଞ୍ଚଳ ରେ ଏମିତି ଜଣେ ବିଶ୍ୱକର୍ମା ବିନ୍ଧାଣୀଙ୍କ କଥା କହୁଛୁ ସେ ଆଜି ସମ୍ପୂର୍ଣ୍ଣ ରୂପେ ହୋଇଯାଇଛନ୍ତି ଅଲୋଡ଼ା । ଅସ୍ତରଙ୍ଗ ବ୍ଲକ ଝାଲିଂ ପଞ୍ଚାୟତ ନାନପୁର ଗ୍ରାମ ର ପହଲି ମହାରଣା ଙ୍କ ୪୮ ବର୍ଷୀୟ ପୁଅ ଗନ୍ଧର୍ବ ମହାରଣା ବା ଗନ୍ଧିଆ, ୧୪ ବର୍ଷ ବୟସ ରୁ ପାଠ ଛାଡି ନିଜ ବାପା ଅଜାଙ୍କ ସହିତ ବିଭିନ୍ନ କାମକୁ ଯାଇ ବନିଥିଲେ ଭଲ କାଠ କାରିଗର, ଆଉ ଚାହୁଁ ଚାହୁଁ ଅଞ୍ଚଳ ରେ ଜଣେ ଉତ୍ତମ ମହାରଣା ଶିଳ୍ପୀ ହୋଇଥିଲେ, କାଠରେ ଏଭଳି ବସ୍ତୁ ନିର୍ମାଣ କରୁଥିଲେ ଯାହାକୁ ଆପଣ ଖାଲି ଆଖିରେ ଦେଖିଲେ ସ୍ତବ୍ଧ ହୋଇଯିବେ, କିନ୍ତୁ ପରିସ୍ଥିତି ପରିବେଶ ଆଉ ସମୟ ଆଜି ସବୁକିଛି ଓଲଟା ପାଲଟା କରିଦେଇଛି ଗନ୍ଧର୍ବଙ୍କ ଜୀବନ, ଆଜି ନିହାଣ କରତ ବଦଳ ରେ ହାତରେ ଧରୁଛନ୍ତି ପେନ୍ ବମ୍, ଆଉ ସକାଳୁ କଣ ଦିଟା ଖାଇଦେଇ ମୁଣ୍ଡ ରେ ଗାମୁଛା ବାନ୍ଧି ବାହାରି ପଡନ୍ତି ବଜାର କୁ, ହସ ହସ ମୁହଁ ରେ ପ୍ରତ୍ୟେକ ସେଲୁନ୍ ରେ ପହଞ୍ଚିଯାନ୍ତି ଆଉ ବାବୁ ମାନଙ୍କ ଦେହ ହାତ ମୁଣ୍ଡ କୁ କରନ୍ତି ମସାଜ, ପ୍ରତିବଦଳରେ କିଏ ୫ ଦିଅନ୍ତି ତ କିଏ ୨୦ ଆଉ ଯିଏ ଟିକେ ଅଧିକ ଖୁସି ପାଏ ୫୦ ଟଙ୍କା ବି ଦେଇଦିଅନ୍ତି ଗନ୍ଧର୍ବଙ୍କୁ । କିଛି ପଇସା ହେଇଗଲେ ବଜାର ରୁ ୩୦ରୁ ୫୦ ଟଙ୍କା ଭିତରେ ମିଲ୍ ଟେ କିଣି ମନ ଶାନ୍ତିରେ ବସି ଖାଇଦିଅନ୍ତି । ଦିନ ତମାମ୍ ବୁଲନ୍ତି କାହାର କଣ



ବୋଲହାକ କରିବା ପାଇଁ, ଗନ୍ଧର୍ବ କୁହନ୍ତି ଦିନ ଥିଲା ମୁଁ ବହୁତ କାମ କରୁଥିଲି । କାଠ ରେ ଖଟ, ପଲଙ୍କ, ସୋଫା, ଟେବୁଲ ଚୌକି ଠୁ ଆରମ୍ଭ କରି ଯାବତୀୟ ଫର୍ନିଚାର ମାତ୍ର ମୋର କିଛି ବର୍ଷ ତଳେ ସ୍ୱାସ୍ଥ୍ୟ ଖରାପ ହେଲା ଆଉ ମୁଁ ସବୁ କିଛି କଳା କୌଶଳ ଭୁଲିଗଲି ଆଉ କାମ କରିପାରିଲିନି, ଗନ୍ଧର୍ବଙ୍କ ପରିବାର ଅଛନ୍ତି ଆଉ ତାଙ୍କ ର ୨ ଜଣ ପୁଅ ମଧ୍ୟ, କିନ୍ତୁ ଗନ୍ଧର୍ବ ଆଜିବି କୁହନ୍ତି ନିଜ ପେଟ ପାଇଁ ମୁଁ କିଛି ପଇସା କମାଇବାକୁ ବଜାରକୁ ଚାଲିଆସେ ଆଉ ପ୍ରତ୍ୟେକ ବ୍ୟକ୍ତିଙ୍କୁ 'ବାପା ' ବୋଲି ସମ୍ବର୍ଦ୍ଧନା କରେ । ବାବୁ ମାନଙ୍କୁ ଭଲସେ ମସାଜ କରିଦେଲେ କିଛି ପଇସା ହେଇଯାଏ ଆଉ ସେଥିରେ ମୁଁ ଆରମ ରେ ପେଟକୁ ଗଣ୍ଡେ ଖାଇବା କିଣି ଖାଇଦିଏ ଆଉ ବେଳେ ବେଳେ କଣ ୨ ଟା ପରିବାର ପାଇଁ କିଣିନିଏ । ପେଟ ଚାଖଣ୍ଡେ ପାଇଁ ଭଗବାନ ଏତେ ବଡ଼ ଦୁନିଆ ରେ ମୋତେ ଏହିଭଳି କର୍ମ ଦେଇଛନ୍ତି ଏଥିରେ ମୁଁ ପୂରା ଆନନ୍ଦ, କୌଣସି ଦିଗ୍ଧା ନାହିଁ । ବଜାର ରେ ପ୍ରତ୍ୟେକ ଦିନ ସକାଳୁ ପ୍ୟାଣ୍ଟ, ସାର୍ଟ ପିନ୍ଧି ଗାମୁଛା ପକେଇ ଏ ସେଲୁନରୁ ସେ ସେଲୁନ ବୁଲୁଥିବା ଅଜବ ମଣିଷ ଟିଏ ଆଉ କେହି ନୁହନ୍ତି, ସେ ହେଉଛନ୍ତି ବିଶ୍ୱକର୍ମା ଗନ୍ଧର୍ବ ମହାରଣା ।

## ମୌଳିକ ସୁବିଧା ଯୋଗାଇବାକୁ ଦାବି

ଗଜପତି, (ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପୌର ପରିଷଦ ଅଧିନସ୍ଥ ୧୪ ନମ୍ବର ୱାର୍ଡ଼ ସଞ୍ଜୟ ଗାନ୍ଧୀ କଲୋନୀର ସାଧାରଣ ମୌଳିକ ଅଧିକାରରୁ ବଞ୍ଚିତ ଥିବାର ଅଭିଯୋଗ କରିଛନ୍ତି ।ସେମାନଙ୍କୁ ପାଣି, ବିଜୁଳି , ରାସ୍ତା ଓ ଶୌଚାଳୟ ନଥିବାର ଅଭିଯୋଗ କରିଛନ୍ତି । ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ ପ୍ରଧାନଙ୍କ ନେତୃତ୍ୱରେ ସେମାନଙ୍କ ସାଧାରଣ ମୌଳିକ ଦାବୀ ପୂରଣ ନ ହେବାରୁ ସେମାନେ କାଲି ପୌର ପରିଷଦ ସମ୍ମୁଖରେ ଧାରଣା ଦେଇଥିଲେ । ଦାବୀ ପୂରଣ ନ ହେବାରୁ ଆଜି ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଆମରଣ ଅନଶନରେ ବସି ଥିବାର ଦେଖିବାକୁ ମିଳିଛି ।ସେମାନଙ୍କ ଅଭିଯୋଗ ହେଲା ଯେଉଁଠାରେ ବର୍ତ୍ତମାନ ଅଛନ୍ତି ସେଠାରେ ମୌଳିକ ସୁବିଧା ଦିଆଯାଉ ନ ଚେତ ଚିହ୍ନଟ କରାଯାଇଥିବା ସ୍ଥାନରେ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଉ ବୋଲି ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ମୌଳିକ ସୁବିଧା ରୁ ବଞ୍ଚିତ ସଞ୍ଜୟ ଗାନ୍ଧୀ କୋଲନି ବାସୀ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ପୌର ପରିଷଦ ଅଧିନସ୍ଥ ୧୪ ନମ୍ବର ୱାଡ଼ ସଞ୍ଜୟ ଗାନ୍ଧୀ କଲୋନୀର ୧୦ ଟି ପରିବାର ମୌଳିକ ଅଧିକାରରୁ ବଞ୍ଚିତ ଥିବାର ଅଭିଯୋଗ ହେଉଛି ।ସେମାନଙ୍କୁ ପାଣି, ବିଜୁଳି ,ରାସ୍ତା ଶୌଚାଳୟ ନଥିବାର ଅଭିଯୋଗ କରିଛନ୍ତି। ବସ୍ତି ସୁରକ୍ଷା ମଞ୍ଚର ଆବାହକ ସୁଜିତ ପ୍ରଧାନ ଙ୍କ ନେତୃତ୍ୱରେ ଆଜି ୧୦ ଟି ପରିବାର ପୌର ପରିଷଦ ର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବାର ଦେଖିବାକୁ ମିଳିଛି ।ସେମାନଙ୍କ ଅଭିଯୋଗ ହେଲା ଯେଉଁଠାରେ ବର୍ତ୍ତମାନ ଅଛନ୍ତି ସେଠାରେ ମୌଳିକ ସୁବିଧା ଦିଆଯାଉ ନ ଚେତ ଚିହ୍ନଟ କରାଯାଇଥିବା ସ୍ଥାନରେ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଉ ।

# ମରଣ ଜନ୍ତା ପାଲଟିଛି ରାଜ୍ୟ ରାଜପଥ ୩୦ ରୁ ଫାପଲ ପୁର ରାସ୍ତା



ଆସିକା (ମହାଭାରତ):-ମରଣ ଜନ୍ତା ପାଲଟିଛି ଆସିକା ବ୍ଲକ ତଥା ଆସିକା ଗ୍ରାମ୍ୟଉନ୍ନୟନ ବିଭାଗ ଅଧୀନ ରାଜ୍ୟ ରାଜପଥ ୩୦ ଠାରୁ ଫାପଲ ପୁର ରାସ୍ତା । ଦୈନିକ ଶହ ଶହ ଲୋକ ଏହି ରାସ୍ତା ଦେଇ ଯିବା ଆସିବା କରୁଥିବା ବେଳେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇଥିବାରୁ ଲୋକେ ଅନେଇ ହଇରାଣ ହରକତ ହେଉଛନ୍ତି । ରାସ୍ତା ସାରା ଖାଲଖମା ସହିତ ଜାଗା ଜାଗା ରେ ରାସ୍ତା ଅତଡା ଖାଇ ଯାଇଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି ।ତେବେ ବିଭାଗୀୟ ଅଧିକାରୀ ମାନଙ୍କ ଠାରୁ ଆରମ୍ଭ କରି ରାସ୍ତା ତିଆରି କରିଥିବା ଠିକାଦାର କୁ ଗ୍ରାମବାସି ମାନେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ଶୁଣୁ ନାହାନ୍ତି କେହି । ପ୍ରକାଶ ଥାଉକି ଦିର୍ଘ ଚାରି ବର୍ଷ ତଳେ ପ୍ରଧାନ ମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରେ ରାଜ୍ୟ ରାଜପଥ ୩୦ ଚନ୍ଦନପେଢ଼ି ଛକ ଠାରୁ ଭାୟା ଫାପଲପୁର ଦେଇ ଗହଙ୍ଗୁ ଯାଏଁ ଦିର୍ଘ ତିନି କିଲୋ ମିଟରର ଏହି ରାସ୍ତା ନିର୍ମାଣ ହୋଇଥିଲା। ବ୍ରହ୍ମପୁର ଅଞ୍ଚଳର ଦିଲ୍ଲିପ କୁମାର ସ୍ୱାଇଁ ନାମକ ଜଣେ ଠିକାଦାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ହାତକୁ ନେଇ ଥିଲେ ।ଯାହାର ସୁରକ୍ଷା ଓ ମାରମତର ଅବଧି ୫ ବର୍ଷ ଯାଏଁ ରହିଛି । କିନ୍ତୁ ରାସ୍ତା କାମ ନିମ୍ନ ମାନର ହୋଇଥିବା ଯୋଗୁଁ ନିର୍ମାଣର ବର୍ଷେ ଦୁଇ ବର୍ଷ ନ ପୁରୁଣୁ ରାସ୍ତା ସମ୍ପୂର୍ଣ ଭାବେ ଧୋଇ ହୋଇ ଯାଇଛି । ରାସ୍ତା ର କୋଉଠି ଖାଲଖମା ତ ଆଉ କେଉଁଠି ନଦୀ ବନ୍ଧ ଦେଇ ଯାଇଥିବା ରାସ୍ତାରୁ ଅତଡା ଖସିଲାଣି ରାସ୍ତାର ଅବସ୍ଥା କହିଲେ ନସରେ । ତଥାପି ଏହି ରାସ୍ତା ଦେଇ ଯାତାୟାତ ପାଇଁ ନିର୍ଭର କରୁଛନ୍ତି ଗହଙ୍ଗୁ ପଞ୍ଚାୟତର ସମସ୍ତେ ଆଖ ପାଖ ଅଞ୍ଚଳର ଶହ ଶହ ଲୋକେ ।ବିଶେଷ କରି ଗହଙ୍ଗୁ, ଫାପଲ ପୁର, ଚନ୍ଦନ ପେଢି, ସାନଖୋଲି ଭଳି ବିଭିନ୍ନ ଅଞ୍ଚଳର ହଜାର ହଜାର ଲୋକ ଏହି ରାସ୍ତା ଉପରେ ନିର୍ଭର ଶିଳ ହୋଇଥାନ୍ତି। ଗହଙ୍ଗୁ ପଞ୍ଚାୟତ ଠାରୁ ଆରମ୍ଭ କରି ସ୍କୁଲ କଲେଜ ଓ ଆସିକା ମୁଖ୍ୟ ବଜାର କୁ ଏହି ରାସ୍ତା ଦେଇ ହିଁ ଲୋକେ ଯିବା ଆସିବା କରନ୍ତି । ହେଲେ ରାସ୍ତା ଅତ୍ୟନ୍ତ ଖରାପ ଥିବାରୁ ଅନେକ ସମୟରେ ରାସ୍ତାରେ ସାନ ବଡ ଦୁର୍ଘଟଣା ଘଟୁଛି ।ଏମିତିକି ବର୍ଷା ଦିନ ଆସିଲେ ଏହି ରାସ୍ତା ଦେଇ ଯିବା ଆସିବା କରିବା ଆଉ ସମ୍ଭବ ହେଉ ନାହିଁ ।ଯାହା ଦ୍ୱାରା ଲୋକ ମାନେ ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ଏହି ସମସ୍ୟାର ସମାଧାନ କରିବା ସହ ନୂତନ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଶୁଣୁ ନାହାନ୍ତି କେହି ।ରାସ୍ତା ମରାମତିର ଅବଧି ରହିଥିଲେ ସୁଧା ଠିକାଦାର ଜଣଙ୍କ ରାସ୍ତା ମାରମତ ନକରି ଚୁପ୍ ବସିଛନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ ମାନେ ଠିକାଦାର ଜଣଙ୍କୁ ବାରମ୍ବାର ତାଗିଦ୍ କରିବା ସତେ ମଧ୍ୟ ଠିକାଦାର ଜଣଙ୍କ ସେମାନଙ୍କ କଥାକୁ କର୍ଣ୍ଣପାତ କରୁନାହିଁ ।ଗୋଟିଏ ପଟେ ଠିକାଦାର ମନମାନି ଓ ଅବହେଳା ଅନ୍ୟ ପକ୍ଷରେ ରାସ୍ତା ନିର୍ମାଣ ଓ ମରାମତିର ଅବଧି ସମୟ ଶେଷ ହୋଇ ନଥିବାରୁ ନୂତନ ରାସ୍ତା ମଧ୍ୟ ନିର୍ମାଣ ହୋଇ ପାରୁ ନାହିଁ ଯାହାଦ୍ୱାରା ଲୋକ ମାନେ ଅନେକ ସମସ୍ୟା ଭୋଗୁଛନ୍ତି । ନିର୍ମାଣ ଧିନ ରାସ୍ତାର ମରାମତି ଅବଧି ଶେଷ ହୋଇ ନଥିବା ବେଳେ ସମ୍ପୃକ୍ତ ଠିକାଦାର ଜଣଙ୍କ ରାସ୍ତା ମରାମତ କରୁନଥିବାରୁ ଗ୍ରାମବାସୀ ମାନେ ଯାତାୟାତରେ ଅନେକ ଅସୁବିଧା ଭୋଗୁଥିବା ବେଳେ କେବେ ଏହି ସମସ୍ୟାର ସମାଧାନ ହେବ ସେ ନେଇ ଦେଖିବାକୁ ବାକି ରହିଛି ।

## ନବରଙ୍ଗପୁର ଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ହିସାବ ରକ୍ଷକ ତଥା ଡ଼ାଟା ଏଣ୍ଟ୍ରି ଅପରେଟର ଙ୍କ ତାଲିମ କର୍ମଶାଳା

ନବରଙ୍ଗପୁର (ମହାଭାରତ): ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ହିସାବ ରକ୍ଷକ ତଥା ଡାଟା ଏଣ୍ଟ୍ରି ଅପରେଟରଙ୍କୁ ବ୍ଲକ ସ୍ତରରେ ସମସ୍ତ ଯୋଜନାର ସଫଳ ରୂପାୟନ ପାଇଁ ତାଲିମ ପ୍ରଦାନ କରାଯାଇଛି । ଜିଲାପାଳ ଡା ଶୁଭଙ୍କର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ତାଲିମ ଶିବିରରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲା ପଞ୍ଚାୟତ ଅଧିକାରୀ ପଦ୍ମନାଭ ତ୍ରିପାଠୀ, ଓରମାସ ଜିଲା ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ.ଉମା ମହେଶ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଯଦୁମଣି ନାୟକ, ଗ୍ରାମୀଣ ଆବାସ ପ୍ରକଳ୍ପ ଅଧିକାରୀ ଦେବସ୍ମିତା କର, ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ଅଧିକାରୀ ସସ୍ମିତା ସାମନ୍ତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଲେଇ ପ୍ରମୁଖ ତାଲିମ ଦାତା ଭାବେ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ। ମନରେଗା, ଶ୍ରମିକ ବଜେଟ ପ୍ରସ୍ତୁତି, ସାମାଜିକ ସମୀକ୍ଷା, ଦକ୍ଷତା ବିକାଶ, ଓରମାସର ବଜାର ବ୍ୟବସ୍ଥା, ଜୀବିକା ମିଶନ, ସ୍ୱୟଂସହାୟକ ଗୋଷ୍ଠୀ ବ୍ୟାଙ୍କ ଲିଂକେଜ, ଖାଦ୍ୟ ସୁରକ୍ଷା ଯୋଜନାର ହିସାବ କିତାବର ସଠିକ ପରିଚାଳନା ଆଦି ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା ।

## ପୂର୍ବତନ ସାଂସଦ ତଥା ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ ପ୍ରତିଷ୍ଠାତା କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ସତବର୍ଷିକୀ ପାଳିତ

ପାରାଦୀପ (ମହାଭାରତ): ପୂର୍ବତନ ଲୋକସଭା ସାଂସଦ,, ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ ର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ମଧୁବନ ସ୍ଥିତ ଶ୍ରମିକ ଭବନ ପରିସରରେ ସୋମବାର ସନ୍ଧ୍ୟାରେ ସମାରୋହରେ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଚିତ୍ତ ରଞ୍ଜନ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଶ୍ରମିକ ସଂଘର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୟୁନିୟନ ର ସାଧାରଣ ସମ୍ପାଦକ ନନ୍ଦଲାଲ ସିଂ, ବଡପଡ଼ିଆ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ପାରିଷଦ ଅଜିତ ଷଡଙ୍ଗୀ, ସମ୍ପାଦକ ବିଚିତ୍ରା ନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲୋକନାଥ ଚୌଧୁରୀଙ୍କ ଶ୍ରମିକ ମାନଙ୍କ ହକ ପାଇଁ ସବୁବେଳେ ସଂଗ୍ରାମ କରୁଥିଲେ । ପାରାଦୀପ ସମେତ କୁଜଙ୍ଗ, ରାହମା, ଜଗତସିଂହପୁର ଓ ରାଜ୍ୟର ବହୁ ସ୍ଥାନରେ ତାଙ୍କର ଜନ୍ମ ଶତ ବାର୍ଷିକ ପାଳନ କରାଯାଇଛି ।ପାରାଦୀପ ପ୍ରତି ତାଙ୍କର ଅଗାଢ ଆନୁଗତ୍ୟ ଥିଲା। ଦେଶ ଜାତି ପାଇଁ, ଶ୍ରମିକ ଖଟିକିଆ ଓ ଅବହେଳିତ ମାନଙ୍କ ପାଇଁ ଯିଏ ସେବା କରି ଚାଲି ଯାଇଛନ୍ତି ତାଙ୍କୁ ଆମେ ମନେ ରଖି ସେମାନଙ୍କର ପୂଜ୍ୟ ପୂଜା କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ। ପାରାଦୀପ ରେ ବନ୍ଦର ପ୍ରତିଷ୍ଠା ହେବା ନେଇ ସେ ବିଜୁ ବାବୁଙ୍କୁ ସବୁବେଳେ ଉତ୍ସର୍ଗିକୃତ କରୁଥିଲେ। ନୂତନ ଓଡିଶା ଗଠନ କରିବା ରେ ତାଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଶେଷରେ ୟୁନିୟନ ର ସମ୍ପାଦକ ତଥା ଯୁବନେତା ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଗାନ୍ଧି ଶିକ୍ଷାଶ୍ରମର ପୁରାତନ ଛାତ୍ରଛାତ୍ରୀମାନଙ୍କ ମହାମିଳନ ଉତ୍ସବ

ବଡଚଣା (ମହାଭାରତ )ଯାଜପୁର ଜିଲ୍ଲାର ସୀମାନ୍ତବର୍ତ୍ତୀ ଗଙ୍ଗୋତ୍ରୀ ନଦୀ କୂଳରେ ଅବସ୍ଥିତ ତଥା କଟକ ଜିଲ୍ଲା କଇଥା-ଚମ୍ପାପୁର ଗାନ୍ଧୀ ଶିକ୍ଷାଶ୍ରମର ପୁରାତନ ଛାତ୍ର ସଂସଦ ପକ୍ଷରୁ ବିଦ୍ୟାଳୟ ପରିସରରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ମହାମିଳନ ଅନୁଷ୍ଠିତ ହୋଇଯାଇଛି। ଅୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ପରିଡା, ମୁଖ୍ୟ ବକ୍ତାଭାବେ ଗାନ୍ଧି ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ଡ. ବିଶ୍ୱଜି ରାୟ, ସମ୍ମାନୀତ ଅତିଥି ଭାବେ କୁମାରୀ ଅପର୍ଣ୍ଣା, ଦୈନିକ ଓଡିଆ ସମ୍ବାଦପତ୍ର ପ୍ରଗତିବାଦୀର କାର୍ଯ୍ୟକାରୀ ସଂପାଦକ ଶ୍ରୀଯୁକ୍ତ ବିରୁପାକ୍ଷ ତ୍ରିପାଠୀ, ଉତ୍କଳ ସାହିତ୍ୟ ସମାଜର ପୂର୍ବତନ ସଭାପତି ବିଜୟାନନ୍ଦ ସିଂହ, ନିମନ୍ତ୍ରିତ ଅତିଥି ଭାବେ ଜୟଶ୍ରୀ ବିଜୟ ଲକ୍ଷ୍ମୀ ମହାନ୍ତି, ବେଦଶ୍ରୀ ମମତା ଦାସ ପ୍ରମୁଖ ଯୋଗ ଦେଇଥିଲେ. ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଯୁକ୍ତ ଧ୍ରୁବଚରଣ ଚରଣ ପ୍ରଧାନ ସଭାପତିତ୍ଵ କରିଥିଲା ବେଳେ ସଂସଦର ବିବରଣୀ ପାଠ କରିଥିଲେ ଦିଲ୍ଲୀପ ରାଉତ ଓ ଧନ୍ୟବାଦ ଅର୍ପଣ କରିଥିଲେ କମଳାକାନ୍ତ ପାଲ.



## ମାଟ୍ରିକ ପରୀକ୍ଷା ସରକାରୀ ବିଦ୍ୟାଳୟ ଟପ୍ପର କୁ ସମ୍ବର୍ଦ୍ଧନା କଲେ ଆସିକା ସାଂସଦ



ଆସିକା (ମହାଭାରତ)ମାଟ୍ରିକ ପରୀକ୍ଷା ସରକାରୀ ବିଦ୍ୟାଳୟ ଟପ୍ପର କୁ ସମ୍ବର୍ଦ୍ଧନା କଲେ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ ।ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇଥିବା ବେଳେ ଆସିକା ବ୍ଲକ ଅଧୀନସ୍ଥ ବାବନପୁର ପଞ୍ଚାୟତର ବାବନପୁର ଗ୍ରାମରେ ଥିବା ଚିନିଶିଳ୍ପ ହାଇସ୍କୁଲର ମେଧାବୀ ବିଦ୍ୟାର୍ଥୀ ଧରିତ୍ରୀ ଜେନା ୫୫୮ ମାର୍କ ରଖି ଏ-୧ ଗ୍ରେଡ୍ ହାସଲ କରି ସରକାରୀ ହାଇସ୍କୁଲ ସ୍ତରରେ ଆସିକା ବ୍ଲକ ଟପ୍ପର ଓ ନିଜ ବିଦ୍ୟାଳୟ ସ୍ତରରେ ସ୍କୁଲ ଟପ୍ପର ବି ହୋଇଥିବା ଜଣାପଡିଛି। ଆଜି ଏହି ମେଧାବୀଙ୍କୁ ଆସିକା ସାଂସଦ ଅନିତା ଶୁଭଦର୍ଶନୀ ପଟ୍ଟନାୟକ ଧରିତ୍ରୀ ଙ୍କ ଗାଁ ବେଣିଆ ଠାରେ ପହଞ୍ଚି ଥିଲେ ଗ୍ରାମବାସୀ ମାନ୍ୟବର ସାଂସଦ ଙ୍କୁ ନଗର କୀର୍ତନ କରି ଗାଁରେ ମନ୍ଦିର ମଣ୍ଡପ ନିକଟକୁ ପାଛୋଟି ନେଇଥିଲେ। ସାଂସଦ ଛାତ୍ରୀ ଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ଆଗାମୀ ଉଜ୍ଜ୍ୱଳ ଭବିଷ୍ୟତ ମଙ୍ଗଳକମାନ କରିଥିଲେ । ଏହା ସହିତ ୫୨୫ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ଗ୍ରାମର ପ୍ରିୟାଂଶୁ କାମ୍ପ ଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଥିଲେ ସାଂସଦ ।ପରେ ଗ୍ରାମବାସୀ ଙ୍କ ସମସ୍ୟା ଓ ଭଲମନ୍ଦ ପଚାରି ବୁଝିବା ସହ ସମାଧାନ ର ପ୍ରତିଶୃତି ଦେଇଛନ୍ତି ସାଂସଦ । ଏହି ଅବସରରେ ଲୋକସଭା ସଂଯୋଜକ ଯଜ୍ଞନାରାୟଣ ଦାଶ, କବିସୂର୍ଯ୍ୟନଗର ପୂର୍ବତନ ବ୍ଲକ ଅଧକ୍ଷ ପିତାମ୍ବର ସେଠି,ଆସିକା ଏନଏସି ଏକ ନମ୍ବର କାଉସିଲର ତଥା ଯୁବ ନେତା ସରୋଜ ଭଞ୍ଜ,ଯୁବନେତା କାହ୍ନୁ ନାୟକ,ମନୋଜ ରାଉତ,ସରୋଜ ନାୟକ,ନବ କିଶୋର ବିଶ୍ୱାଳ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।ପ୍ରକାଶ ଥାଉକି ଧରିତ୍ରୀ ଜେନା କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ପାଇକଜମୁନା ପଞ୍ଚାୟତର ନିମୁଣ୍ଡିଆ ଗ୍ରାମର ସ୍ୱର୍ଗତ ଚିତ୍ରସେନ ଜେନା ଓ ଗୃହିଣୀ ପିଙ୍କି ଜେନାଙ୍କ ସୁକନ୍ୟା ହୋଇଥିବା ବେଳେ ସେ ଗତ ୩ ବର୍ଷ ହେଲା ଆସିକା ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମ ପଞ୍ଚାୟତର ବେଣିଆ ଗ୍ରାମରେ ଥିବା ମାମୁଁ ସତ୍ୟବାଦୀ ପ୍ରଧାନଙ୍କ ଘରେ ପାଠ ପଢି ଏହି ସଫଳତା ପାଇଥିବା ଜଣାପଡିଛି।

## ବାଲିପାଟଣା ଥାନାରେ ଶ୍ରୀ ବୁଦ୍ଧନାଥ ଦେବଙ୍କ ଚନ୍ଦନ ଯାତ୍ରା

ବାଲିପାଟଣା( ମହାଭାରତ )ବହୁଦିନ ଧରି ପରମ୍ପରା ରହିଥିବାଐତିହାସିକ ଶୈବପୀଠ ଶ୍ରୀ ବୁଦ୍ଧନାଥ ଦେବ ଙ୍କ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ବାଲିପାଟଣା ଥାନା ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ।ଥାନା ଭାରପ୍ରାପ୍ତ ଅଧିକାରୀ ସୂର୍ଯ୍ୟାଂଶୁ ଶେଖର ପାଢ଼ୀ ଙ୍କ ତ□ାବଧାନରେ ଠାକୁର ଙ୍କ ଚନ୍ଦନ ଯାତ୍ରା ପରେ ଶ୍ରୀ ବୁଦ୍ଧନାଥ ଏକ ସୁସଜ୍ଜିତ ବିମାନରେ ଥାନା ପରିସର କୁ ଆଗମନ କରାଯାଥାଏୟଏହାପରେ ଭକ୍ତ ମାନେ ପ୍ରସାଦ ସେବନ କରାଯାଇଥାଏ।

## ଡିଏଭି ଇଫକୋରେ ଗ୍ରୀଷ୍ମ କାଳୀନ କ୍ରିଡା ଶିବିର





ପାରାଦୀପ(ମହାଭାରତ): ଇଫକୋ ଡିଏଭି ବିଦ୍ୟାଳୟରେ କ୍ରୀଡା ବିଭାଗ ତରଫରୁ ୬ ଦିନ ବ୍ୟାପି ଚାଲିଥିବା ଗ୍ରୀଷ୍ମ କାଳୀନ କ୍ରିଡା ଶିବିର ରବିବାର ଦିନ ଉଦଯାପିତ ହୋଇଯାଇଛି ।ଏଥିରେ ଖୋ-ଖୋ, ନେଟ୍ ବଲ୍, ଦୌଡକୁଦ ଓ ଫୁଟବଲ୍ କ୍ରୀଡା କୁ ନେଇ ଶିବିର ଆୟୋଜନ ହୋଇଥିଲା। ପ୍ରଶିକ୍ଷଣ ଶିବିରକୁ ସୁନାକର ରାଉତ (ଖୋ-ଖୋ) , ବିଶ୍ୱବିଜୟ ବିବେକାନନ୍ଦ ବେହେରା (ନେଟ୍ ବଲ) , ବିକାଶ କୁମାର ସ୍ୱାଇଁ (ଦୌଡ଼କୁଦ) ଓ ପ୍ରଦୀପ୍ତ କୁମାର ମହାନ୍ତି (ଫୁଟବଲ୍) ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସମ୍ବିତ ସୁକୁମାର ଚିନାରା ତାଙ୍କ ଅଭିଭାଷଣରେ କ୍ରୀଡାର ଉପକାରିତା ଓ ନିତିଦିନ ଜୀବନରେ କ୍ରୀଡାର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ସମିତିର ସଦସ୍ୟ ଜୟନ୍ତ କୁମାର ଜେନା ଉଦଯାପନ ଉତ୍ସବରେ ଅତିଥି ରୂପେ ଯୋଗଦାନ କରିଥିଲେ ।ସେ ତାଙ୍କ ଅଭିଭାଷଣ ରେ କୌରବ ଓ ଦ୍ରୋଣ ଗୁରୁଶିଷ୍ୟ ବିଷୟରେ ପିଲାମାନଙ୍କୁ ଆଲୋକପାତ କରାଇଥିଲେ। ସଭାକୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଦିନେଶ ପ୍ରଧାନ ସଭାକୁ ପରିଚାଳନା କରିଥିଲେ ଓ ବିଦ୍ୟାଳୟର ଛାତ୍ର କ୍ୟାବିନେଟ କ୍ରୀଡା ବିଭାଗର ସମ୍ପାଦକ ନିହାର ରଞ୍ଜନ ଦାସ ପ୍ରଶିକ୍ଷଣ ଶିବିର ବିଷୟରେ ନିଜ ଭାଷଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌର ମୋହନ ସାମଲ ଙ୍କ ତତ୍ତ୍ୱାବଧାନରେ ଏହି ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଦଶମ ଶ୍ରେଣୀ ଛାତ୍ର କୁମାର କୃର୍ତ୍ତିବାସ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଲୋଡ଼ା ହୋଇଯାଇଛନ୍ତି ବିଶ୍ୱକର୍ମା ଗନ୍ଧର୍ବ



ଅସ୍ତରଙ୍ଗ(ମହାଭାରତ) -ଅତୀତ ରୁ ଆରମ୍ଭ କରି ଆଜି ଆମ ସମାଜ ଆଇନା ରେ ଆମେ ଯେ କୌଣସି ସୁନ୍ଦରିଆ କାଠ ନିର୍ମିତ ବସ୍ତୁ କୁ ଦେଖୁଛେ ଯାହା ଅଧିକ ଆକର୍ଷଣ ଆମକୁ କରୁଛି ଆପଣ ଜାଣିଥିବେ ଏହା ପଛରେ ଜଣେ ସୁନ୍ଦର ବିଶ୍ୱକର୍ମା ବିନ୍ଧାଣୀ ଙ୍କର ରହିଛି ଚମତ୍କାରୀତା, ଠିକ ସେହିପରି ଆମେ ଆଜି ଅସ୍ତରଙ୍ଗ ଅଞ୍ଚଳ ରେ ଏମିତି ଜଣେ ବିଶ୍ୱକର୍ମା ବିନ୍ଧାଣୀ ଙ୍କ କଥା କହୁଛୁ ସେ ଆଜି ସମ୍ପୂର୍ଣ୍ଣ ରୂପେ ହୋଇଯାଇଛନ୍ତି ଅଲୋଡ଼ା ।ଅସ୍ତରଙ୍ଗ ବ୍ଲକ ଝାଲିଂ ପଞ୍ଚାୟତ ନାନପୁର ଗ୍ରାମ ର ପହଲି ମହାରଣା ଙ୍କ ୪୮ ବର୍ଷୀୟ ପୁଅ ଗନ୍ଧର୍ବ ମହାରଣା ବା ଗନ୍ଧିଆ, ୧୪ ବର୍ଷ ବୟସ ରୁ ପାଠ ଛାଡି ନିଜ ବାପା ଅଜା ଙ୍କ ସହିତ ବିଭିନ୍ନ କାମ କୁ ଯାଇ ବନିଥିଲେ ଭଲ କାଠ କାରିଗର, ଆଉ ଚାହୁଁ ଚାହୁଁ ଅ□ଳ ରେ ଜଣେ ଉତ୍ତମ ମହାରଣା ଶିଳ୍ପୀ ହୋଇଥିଲେ, କାଠ ରେ ଏଭଳି ବସ୍ତୁ ନିର୍ମାଣ କରୁଥିଲେ ଯାହାକୁ ଆପଣ ଖାଲି ଆଖିରେ ଦେଖିଲେ ସ୍ତବ୍ଧ ହୋଇଯିବେ, କିନ୍ତୁ ପରିସ୍ଥିତି ପରିବେଶ ଆଉ ସମୟ ଆଜି ସବୁକିଛି ଓଲଟା ପାଲଟା କରିଦେଇଛି ଗନ୍ଧର୍ବ ଙ୍କ ଜୀବନ, ଆଜି ନିହାଣ କରତ ବଦଳ ରେ ହାତରେ ଧରୁଛନ୍ତି ପେନ୍ ବମ୍, ଆଉ ସକାଳୁ କଣ ଦିଟା ଖାଇଦେଇ ମୁଣ୍ଡ ରେ ଗାମୁଛା ବାନ୍ଧି ବାହାରି ପଡନ୍ତି ବଜାର କୁ, ହସ ହସ ମୁହଁ ରେ ପ୍ରତ୍ୟେକ ସେଲୁନ୍ ରେ ପହଞ୍ଚିଯାନ୍ତି ଆଉ ବାବୁ ମାନଙ୍କ ଦେହ ହାତ ମୁଣ୍ଡ କୁ କରନ୍ତି ମସାଜ, ପ୍ରତିବଦଳ ରେ କିଏ ୫ ଦିଅନ୍ତି ତ କିଏ ୨୦ ଆଉ ଯିଏ ଟିକେ ଅଧିକ ଖୁସି ପାଏ ୫୦ ଟଙ୍କା ବି ଦେଇଦିଅନ୍ତି। ଗନ୍ଧର୍ବ ଙ୍କୁ, କିଛି ପଇସା ହେଇଗଲେ ବଜାର ରୁ ୩୦ରୁ ୫୦ ଟଙ୍କା ଭିତରେ ମିଲ୍ ଟେ କିଣି ମନ ଶାନ୍ତି ରେ ବସି ଖାଇଦିଅନ୍ତି, ଦିନ ତମାମ୍ ବୁଲନ୍ତି କାହାର କଣ ବୋଲହାକ କରିବା ପାଇଁ, ଗନ୍ଧର୍ବ କୁହନ୍ତି ଦିନ ଥିଲା ମୁଁ ବହୁତ କାମ କରୁଥିଲି, କାଠ ରେ ଖଟ, ପଲଙ୍କ, ସୋଫା, ଟେବୁଲ ଚୌକି ଠୁ ଆରମ୍ଭ କରି ଯାବତୀୟ ଫର୍ନିଚର ମାତ୍ର ମୋର କିଛି ବର୍ଷ ତଳେ ସ୍ୱାସ୍ଥ୍ୟ ଖରାପ ହେଲା ଆଉ ମୁଁ ସବୁ କିଛି କଳା କୌଶଳ ଭୁଲିଗଲି ଆଉ କାମ କରିପାରିଲିନି, ଗନ୍ଧର୍ବ ଙ୍କ ପରିବାର ଅଛନ୍ତି ଆଉ ତାଙ୍କ ର ୨ ଜଣ ପୁଅ ମଧ୍ୟ, କିନ୍ତୁ ଗନ୍ଧର୍ବ ଆଜିବି କୁହନ୍ତି ନିଜ ପେଟ ପାଇଁ ମୁଁ କିଛି ପଇସା କମାଇବାକୁ ବଜାର କୁ ଚାଲିଆସେ ଆଉ ପ୍ରତ୍ୟେକ ବ୍ୟକ୍ତି ଙ୍କୁ ବାପା ବୋଲି ସମ୍ବର୍ଦ୍ଧନା କରେ, ବାବୁ ମାନଙ୍କୁ ଭଲସେ ମସାଜ କରିଦେଲେ କିଛି ପଇସା ହେଇଯାଏ ଆଉ ସେଥିରେ ମୁଁ ଆରମ ରେ ପେଟ କୁ ଗଣ୍ଡେ ଖାଇବା କିଣି ଖାଇଦିଏ ଆଉ ବେଳେ ବେଳେ କଣ ୨ ଟା ପରିବାର ପାଇଁ କିଣିନିଏ, ପେଟ ଚାଖଣ୍ଡେ ପାଇଁ ଭଗବାନ ଏତେ ବଡ଼ ଦୁନିଆ ରେ ମୋତେ ଏହିଭଳି କର୍ମ ଦେଇଛନ୍ତି ଏଥିରେ ମୁଁ ପୂରା ଆନନ୍ଦ, କୌଣସି ଦିଗ୍ଦା ନାହିଁ, ବଜାର ରେ ପ୍ରତ୍ୟେକ ଦିନ ସକାଳୁ ପ୍ୟା□, ସାର୍ଟ ପିନ୍ଧି ଗାମୁଛା ପକେଇ ଏ ସେଲୁନ ରୁ ସେ ସେଲୁନ ବୁଲୁଥିବା ଅଜବ ମଣିଷ ଟିଏ ଆଉ କେହି ନୁହନ୍ତି, ସେ ହେଉଛନ୍ତି ବିଶ୍ୱକର୍ମା ଗନ୍ଧର୍ବ ମହାରଣା।

## ମାଳିଯୁବାଙ୍ଗ ଠାରେ ମାଁ ଠାକୁରାଣୀଙ୍କ ଘଣ୍ଟ ଯାତ୍ର ସମ୍ପନ୍ନ



ଲାଞ୍ଜିଗଡ/ମହାଭାରତ: ଲାଞ୍ଜିଗଡ ବ୍ଲକ ମାଳିଯୁବାଙ୍ଗ ପଞ୍ଚାୟତ ମାଳିଯୁବାଙ୍ଗ ଠାରେ ମାଁ ଠାକୁରାଣୀଙ୍କ ଘଣ୍ଟ□ଯାତ୍ରା ମଙ୍ଗଳବାର ମହା ସମାରୋହରେ ସମ୍ପନ୍ନ ହେଇଯାଇଛି। ମାଳିଯୁବାଙ୍ଗ ଇଷ୍ଟଦେବୀ ମାଁ ଠାକୁରାଣୀଙ୍କ ଘ□ଯାତ୍ର ୫ଦିନ ଧରି ଚାଲିଥିବା ବେଳେ ଶୁକ୍ରବାର ପ୍ରାରମ୍ଭରେ ପାଦଯାତ୍ରା ହୋଇଥିଲା । ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ମଙ୍ଗଳବାର ରାତିରେ ନିଜ ଆସ୍ଥାନରେ ବିରାଜମାନ କରିଛନ୍ତି । ମାଁ ଠାକୁରାଣୀଙ୍କ ଘଣ୍ଟ ଯାତ୍ର ୧୯୬୨ ମସିହାରୁ ପାଳନ କରି ଆସୁଥିବା ବେଳେ ପରମ୍ପରାକୁ ବଜାଇରଖିବା ପାଇଁ ପ୍ରତି ୩ବର୍ଷରେ ଥରେ ଘଣ୍ଟଯାତ୍ରା ପାଳନ କରିଆସୁଛନ୍ତି ।ପ୍ରଥମେ ଘଣ୍ଟ ଗୃହରେ ମାଁଙ୍କ ଘଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମାଁ ଠାକୁରାଣୀଙ୍କ ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ। ମାଁଙ୍କ ମୁଖ୍ୟ ପୂଜକ ତରୁଲତା ରାଉତ, ବାଉକ ଭାଗ ରାଉତ,ଆନନ୍ଦ ରାଉତ, କରୁଣା ପଟେଲ, ପଦ୍ମନାଭ ମାଳି, ନକୁଳ ଦଣ୍ଡସେନା, ଗୋପାଳ ମାଳି, କେଶବ ପଟେଲ ମାଁଙ୍କୁ ପୂଜାର୍ଚନା କରିଥିବା ବେଳେ ମାଁଙ୍କ ଘ□କୁ ଉମାଶଙ୍କର ଦଣ୍ଡସେନା, ଗୌରଚନ୍ଦ୍ର ସାହୁ, କ୍ଷୀରମଣୀ ପଟେଲ, ଉର୍ମିଳା ପଟେଲ, ଲଳିତା ପଟେଲ, ମୁଣ୍ଡରେ ବହନ କରିଥବା ବେଳେ ସେହିପରି ରାଜୀବ ସାହୁ ଶୁଭଖମ୍ବ ବହନ କରିଥିଲେ ।ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଗାଁ ପରିକ୍ରମା କରି ଭକ୍ତମାନଙ୍କୁ ମାଁ ଠାକୁରାଣୀ ଦର୍ଶନ ଦେଇଥିଲେ ।ସେହିପରି ଦୀର୍ଘ ୫ ଦିନ କାଳ ଗାଁ ପରିକ୍ରମା କରାଯାଇ ଗାଁର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ । ଗ୍ରାମର ପ୍ରତ୍ୟେକ ପଡାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମାଁଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ। ପୁଣି ସେହିଦିନ ସନ୍ଧ୍ୟାରେ ଗାଁ ମୁଖିଆ ଭୀମସେନ କାଣ୍ଡବିନ୍ଧା ଙ୍କ ଘରକୁ ଯାଇ ପୂଜା ପାଇବାପରେ ସେବକ ମାନେ ଏକ ବିରାଟ ଆଡୁଆଳରେ ମାଁଙ୍କୁ ମନ୍ଦିରକୁ ଆଣିଥିବା ବେଳେ ବୁଧବାର ସକାଳେ ମାଁ ଙ୍କ ବଳୀପୂଜା ସମେତ ବିସର୍ଜନ ହୋଇଥିଲା । ସେହିପରି ମାନସିକଧାରୀ ମାନେ ବୋଦା, କୁକୁଡ଼ା, ପାରା ବଳି ମଧ୍ୟ ଦେଇଥିବାର ଦେଖିବାକୁ ମିଳିଥିଲାୟ ମାଁ ଠାକୁରାଣୀ ପରେ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତ ମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ ।ମାଁ ଠାକୁରାଣୀଙ୍କ ୫ ଦିନ ଧରି ଏହି ଘଣ୍ଟ ଯାତ୍ର ମହା ଆଡମ୍ବର ସହିତ ପାଳନ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସୁସଜିତ କରାଯାଇଥିଲା। ଭକ୍ତଙ୍କ ମନରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ଲୋକନୃତ୍ୟ,ମାଁ କାଳିସୀ ନୃତ୍ୟ, ବାଘନୃତ୍ୟ, କଣ୍ଡେଇ ନୃତ୍ୟ ସମେତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ବାଘ ନୃତ୍ୟରେ ପିତାମ୍ବର ସାହୁ ଓ କାଳିସୀ ନୃତ୍ୟ ରେ ରମେଶଚନ୍ଦ୍ର ରାଉତ ନିଖୁଣ ଅଭିନୟ କରି ଦର୍ଶକ ମାନଙ୍କୁ ବିମୋହିତ କରିଥିଲେ।

## ଦଶପଲ୍ଲାରେ ଲୁଟେରାଙ୍କ ଆତଙ୍କ ପଥଚାରୀଙ୍କୁ ଆକ୍ରମଣ ପରେ ପୋଡ଼ିଦେଲେ ବାଇକ

ଦଶପଲ୍ଲା (ମହାଭାରତ): ଦଶପଲ୍ଲାର ଆଇନ୍ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଦଶପଲ୍ଲା ଏନ ଏ ସି ମଧ୍ୟରେ ହେଉ କିମ୍ବା ବ୍ଲକ ମଧ୍ୟରେ ହେଉ ଏବେ ଚୋରି,ଡକାୟତି, ଲୁଟତରାଜ ବହୁ ମାତ୍ରାରେ ବଢିବା ସହିତ ଗଞ୍ଜେଇ ଚାଲାଣ, ମଦ କାରବାର ଦିନକୁ ଦିନ ବହୁ ମାତ୍ରାରେ ବଢ଼ିବାରେ ଲାଗିଛି । ତା ସହିତ ପଥଚାରୀମାନେ ଯିବା ଆସିବାରେ ଅସୁରକ୍ଷିତ ମନେକରୁଛନ୍ତି। ସୂଚନାଅନୁଯାଇ ୫୭ ନଂ ଜାତୀୟ ରାଜପଥ ରୁ ଦଶପଲ୍ଲା - ଭଞ୍ଜନଗର ରାଜ୍ୟ ରାଜପଥ ରେ ଆଜି ଭୋର୍ ସମୟରେ ଦଶପଲ୍ଲା ଥାନା ଅନ୍ତର୍ଗତ ସାକେଣୀ ଗ୍ରାମ ଠାରୁ କିଛି ଦୂର ରେ ୮ଜଣ ଦୁବର୍ତ୍ତ□ ଏକ କଳା ସ୍କର୍ପିଓ ରେ ଆସି ଜଣେ ପଥଚାରୀ ଙ୍କ ବାଇକ୍ ଅଟକାଇ ମାରଣାସ୍ତ୍ର ସାହାଯ୍ୟରେ ଅଚାନକ ଆକ୍ରମଣ କରିଥିଲେ ଏବଂ ବ୍ଲେଡ ସାହାଯ୍ୟରେ ଆଘାତ କରିଥିଲେ । ତାଙ୍କ ଠାରୁ ୭୦୦୦ ଟଙ୍କା ଲୁଟିବା ସହିତ , ପଥଚାରୀଙ୍କ ବାଇକକୁ ଦୁର୍ବୃତ୍ତ ମାନେ ପୋଡି ଦେଇଥିଲେ । ବାଇକ ଆରୋହୀ ଜଣକ ହେଲେ ଦଶପଲ୍ଲା ଥାନା ଅନ୍ତର୍ଗତ ଖଣ୍ଡପଡ଼ା ଗ୍ରାମ ର ଜଟିଆ ବେହେରା ବୋଲି ଜଣା ପଡିଛି । ସେ କୌଣସି ଏକ କାମ ରେ ଭଞ୍ଜନଗର ଯାଉଥିବା ବେଳେ ଦୁର୍ବୃ□ ଙ୍କ ଆକ୍ରମଣ ର ଶିକାର ହୋଇ ଅଳ୍ପକେ ବର୍ତ୍ତି ଯାଇଥିଲେ ।ଘଟଣା ସ୍ଥଳରେ ପୋଲିସ ପହଂଚି ତଦନ୍ତ ଜାରିରଖିଛି। କିଛି ଦିନ ହେବ ଏଭଳି ଘଟଣା ଘଟୁଥିବା ଜନସାଧାରଣ ରେ ଆଲୋଚନା ହେଉଛି।





# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ଗୁରୁବାର, ୨୨ ମଇ, ୨୦୨୫




## ପୁଣି ଆରମ୍ଭ ହେବ କୈଳାଶ ମାନସରୋବର ଯାତ୍ରା



ନୂଆଦିଲ୍ଲୀ : ଦୀର୍ଘ ୫ ବର୍ଷର ଅନ୍ତ ପରେ ପୁଣି ଆରମ୍ଭ ହେବାକୁ ଯାଉଛି କୈଳାଶ ମାନସରୋବର ଯାତ୍ରା । ଜୁନ୍ରୁ ଆରମ୍ଭ ହୋଇ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ ଯାତ୍ରା । ଏଥିପାଇଁ ରେଜିଷ୍ଟାର କରିବାକୁ ଇଚ୍ଛୁକ ଥିବା ଶ୍ରଦ୍ଧାଳୁ କମ୍ପ୍ୟୁଟରକୃତ ଡ୍ର କରାଯାଉଛି । ଏଥିପାଇଁ ୭୫୦ ଜଣ ଶ୍ରଦ୍ଧାଳୁଙ୍କ ଚୟନ କରାଯାଇଛି ବୋଲି ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କୈଳାଶ ମାନସରୋବର ଯାତ୍ରା ବୈଦେଶିକ ମନ୍ତ୍ରଣାଳୟ ତରଫରୁ ଆୟୋଜନ କରାଯାଏ । ଏହି ଯାତ୍ରା ଜୁନ୍ ୨୦୨୫ରୁ ଆରମ୍ଭ ହୋଇ ଅଗଷ୍ଟ ୨୦୨୫ରେ ଶେଷ ହେବ । ମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂ କହିବା ମୁତାବକ, ଯେଉଁ ଯାତ୍ରୀମାନେ ମାନସରୋବର ଯାତ୍ରା ପାଇଁ ରେଜିଷ୍ଟର କରିଥିଲେ, ସେମାନଙ୍କୁ କମ୍ପ୍ୟୁଟର ମାଧ୍ୟମରେ ଚୟନ କରାଯାଇଛି । ଯାତ୍ରା ପାଇଁ ଚୟନ ହୋଇଥିବା ଶ୍ରଦ୍ଧାଳୁଙ୍କୁ ସୂଚନା ଏସଏମଏସ ଏବଂ ଇମେଲ ଜରିଆରେ ସୂଚନା ମିଳିବ । ଶ୍ରଦ୍ଧାଳୁ ନିଜର ଚୟନ ଷ୍ଟାଟସ ୱେବସାଇଟ ଷଷ୍ପଷ୍ପକ୍ଷ୍ପ://ଲଙ୍କଇ.ଶକ୍ଟଙ୍ଖ.ସଭ) କିମ୍ବା ହେଲପଲାଇନ ନଂ ୦୧୧-୨୩୦୮୮୧୩୩କୁ ଯାଇ ଦେଖିପାରବେ । ସୂଚନାଯୋଗ୍ୟ, କୈଳାଶ ମାନସରୋବର ଯାତ୍ରା ପାଇଁ ୫୫୬୧ ଆବେଦକ ସଫଳତାପୂର୍ବକ ଅନଲାଇନ ରେଜିଷ୍ଟ୍ରେସନ କରିଥିଲେ । ଏଥିରେ ୪୦୨୪ ପୁରୁଷ ଏବଂ ୧୫୩୭ ମହିଳା ସାମିଲ ରହିଛନ୍ତି । ପ୍ରତି ବ୍ୟାଚ ପାଇଁ ପ୍ରାୟ ୭୫୦ ଜଣଙ୍କୁ ଚୟନ କରାଯାଇଛି । ୫୦ ଜଣ ଯାତ୍ରୀ ୫ଟି ବ୍ୟାଚ ଲିପୁଲେଖ ରାସ୍ତାରେ ଏବଂ ୫୦ ଯାତ୍ରୀଙ୍କ ୧୦ଟି ବ୍ୟାଚ ନାଥୁ ଲା ରାସ୍ତାରେ ଯିବେ ।

## କାର୍ ଓ ବସ୍ ମୁହାଁମୁହିଁ ଧକ୍କା; ୬ ମୃତ

କର୍ଣ୍ଣାଟକ : କର୍ଣ୍ଣାଟକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ୬ ଜଣଙ୍କ ଜୀବନ ଚାଲିଯାଇଛି । ମଙ୍ଗୋଲି ପାସ୍ ନିକଟରେ ଏକ କାର୍ ଓ ବସ୍ ମଧ୍ୟରେ ଜୋରଦାର ଧକ୍କା ଯୋଗୁଁ ଏହି ଦୁର୍ଘଟଣା ଘଟିଛି । ଖବର ମୁତାବକ, ଏକ ଏସୟୁଭି କାର୍ ସୋଲାପୁର ଯାଉଥିବା ବେଳେ ମୁମ୍ବାଇ-ବଲ୍ଲାରୀ ଯାଉଥିବା ବସ୍ ସହିତ ଧକ୍କା ହୋଇଥିଲା । କାରରେ ଥିବା ସମସ୍ତ ଯାତ୍ରୀ ଓ ବସ୍ ଚାଳକ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ, ଅନେକ ଦୂର ଯାଏଁ ଶବ୍ଦ ଶୁଣିବାକୁ ମିଳିଥିଲା । ଦୁର୍ଘଟଣା ବିଷୟରେ ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଦୁର୍ଘଟଣା ପରେ ରାସ୍ତାରେ ଯାତାୟତ ପାଇଁ ଭିଡ଼ ଜମିଥିଲା । ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ହଟାଇବା ପରେ ଗମନାଗମନ ସୁବିଧା ହୋଇଥିଲା ।

## ଆତତାୟୀ ଗୁଳିରେ ଲଶ୍କର ସହପ୍ରତିଷ୍ଠାତା ଗୁରୁତର

ସମାଜ ଡିଜିଟାଲ ଡେସ୍କ: ପାକିସ୍ତାନର ଲାହୋରରେ ଆତତାୟୀଙ୍କ ଗୁଳିରେ ଲଶ୍କର-ଏ-ତୋଇବା(ଏଲଇଟି) ଆତଙ୍କବାଦୀ ସଂଗଠନର ସହପ୍ରତିଷ୍ଠାତା ଆମିର ହାମଜା ଗୁରୁତର ଆହତ ହୋଇଛି। ଅଜଣା ଆତତାୟୀ ଆମିରକୁ ଗୁଳି କରିଛନ୍ତି। ଦୁଇଦିନ ତଳେ ଲଶ୍କରର ଅନ୍ୟ ଜଣେ ଟପ୍ ଆତଙ୍କୀ ସୈଫୁଲ୍ଲା ଖଲିଦ ମଧ୍ୟ ଆତତାୟୀ ଗୁଳିରେ ନହିତ ହୋଇଥିଲା। ଦୁଇ ଦିନ ମଧ୍ୟରେ ଦୁଇ ଟପ୍ ? ଆତଙ୍କୀଙ୍କୁ ଆତତାୟୀ ଗୁଳି କରିବା ପରେ ଅନ୍ୟ ଆତଙ୍କୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆମିର ହାମଜା ଲଶ୍କର ଆତଙ୍କୀ ହାଫିଜ ସୟିଦର ଅତି ଘନିଷ୍ଠ। ଲାହୋରସ୍ଥିତ ବାସଭବନରେ ଆମିର ଗୁଳିବିଦ୍ଧ ଅବସ୍ଥାରେ ପଡ଼ିଥିଲା। ତା'କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତା'ର ଚିକିତ୍ସା ଚାଲିଛି।

## ଗାଜାରେ ଇସ୍ରାଏଲର ଆକ୍ରମଣ, ୫୫ ମୃତ

ନୂଆଦିଲ୍ଲୀ : ଗାଜାରେ ଆକ୍ରମଣ ବନ୍ଦ କରିବାକୁ ଅନ୍ତର୍ଜାତୀୟ ସ୍ତରରେ ଦାବି ହେଉଥିବାବେଳେ ଇସ୍ରାଏଲ ଚୁପ ହେଉନାହିଁ। ଗାଜାରେ ଇସ୍ରାଏଲ ପକ୍ଷରୁ ବାରମ୍ବାର ଆକ୍ରମଣ ଜାରି ରହିଛି। ମଙ୍ଗଳବାର ଇସ୍ରାଏଲ ଗାଜାରେ ଏୟାରଷ୍ଟ୍ରାଇକ କରିଛି। ଆକାଶମାର୍ଗରୁ ବୋମା ବର୍ଷଣ କରିବା ଫଳରେ ୫୫ ଜଣ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଇସ୍ରାଏଲ ପକ୍ଷରୁ ଏହି ଆକ୍ରମଣ ସମୟରେ ୨ଟି ବାସଗୃହ ଉପରେ ବୋମା ମାଡ଼ କରାଯାଇଛି। ଯେଉଁଥିରେ ଶିଶୁ ଓ ମହିଳାଙ୍କ ସମେତ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଆଉ ଏକ ସ୍କୁଲ ଉପରେ ବୋମା ବର୍ଷଣ କରାଯାଇଛି। ଏଠାରେ ବିସ୍ଥାପିତମାନେ ଆଶ୍ରୟ ନେଉଥିଲେ। ଏଠାରେ ପ୍ରାୟ ୩୭ ଜଣଙ୍କ ମୃତ୍ୟୁ ଘଟିଛି। ଗତ ସୋମବାର ଇସ୍ରାଏଲ ପକ୍ଷରୁ ଦକ୍ଷିଣ ଗାଜାର ଖାନ ୟୁନିସ ସହର ଖାଲି କରିବାକୁ ସତର୍କ କରାଯାଇଥିଲା। ଇସ୍ରାଏଲ ପକ୍ଷରୁ ଏଠାରେ ଯେକୌଣସି ମୁହୂର୍ତ୍ତରେ ଆକ୍ରମଣ କରାଯାଇପାରେ ବୋଲି କୁହାଯାଇଥିଲା।

# "ଭିନ୍ନ ବିଚାରଧାରା ପାଇଁ ବ୍ୟକ୍ତିଙ୍କୁ ଜେଲରେ ରଖି ହେବ ନାହିଁ" : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ : ପପୁଲାର ଫ୍ରଣ୍ଟ ଅଫ ଇଣ୍ଡିଆ (ପିଏଫଆଇ)ର ପୂର୍ବତନ ମହାସଚିବ ଅବଦୁଲ ସାଥାରଙ୍କୁ ଆଜି ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ତାଙ୍କ ବିରୋଧରେ ୨୦୨୨ ରେ କେରଳର ପାଲାକ୍କାଡ଼ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘ (ଆରଏସଏସ)ର ଜଣେ କର୍ମୀ ଶ୍ରୀନିବାସନଙ୍କ ହତ୍ୟା ସହ ଜଡ଼ିତ ଏକ ଷଡ଼ଯନ୍ତ୍ର ମାମଲାରେ ଅଭିଯୋଗ ରହିଛି। ଆରଏସଏସ ହେଉଛି ଭାଜପାର ଆଦର୍ଶଗତ ମାର୍ଗଦର୍ଶକ। ଯଦିଓ ସେ ହତ୍ୟା ମାମଲାରେ ସିଧାସଳଖ ଜଡ଼ିତ ନାହାନ୍ତି, ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) କହିଛି ଯେ ସେ ପିଏଫଆଇର ମହାସଚିବ ଭାବେ କାଡର ନିଯୁକ୍ତି ଏବଂ ଅସ୍ତ୍ର ତାଲିମ ପାଇଁ ପଦକ୍ଷେପ ନେଇଥିଲେ। ଏନଆଇଏ ଆହୁରି ଉଲ୍ଲେଖ କରିଛି ଯେ ତାଙ୍କର ଆଇନ ସହ ସଘର୍ଷର ଇତିହାସ ରହିଛି। ଏନଆଇଏର ଓକିଲ ଉଲ୍ଲେଖ କରିଛନ୍ତି ଯେ ଏଭଳି ୭୧ଟି ଘଟଣା ରହିଛି। ତେବେ, ଏହି ଘଟଣାଗୁଡ଼ିକରେ ଧର୍ମଘଟ ଏବଂ ହରତାଳ ଜଡ଼ିତ ଥିଲା ଏବଂ ଏହା ଆଦର୍ଶର ବିଷୟ ଥିଲା ବୋଲି ସାଥାରଙ୍କ ଓକିଲ ବରିଷ୍ଠ ଆଇନଜୀବୀ ଅଦିତ୍ୟ ସୋନ୍ଧି କହିଛନ୍ତି। ସୋନ୍ଧି ଆହୁରି ଯୁକ୍ତି ଦେଇଛନ୍ତି ଯେ କେରଳ ହାଇକୋର୍ଟ ସାଥାରଙ୍କୁ ପିଏଫଆଇର ମହାସଚିବ ଭାବେ ଏହି ସମସ୍ତ ମାମଲାରେ ଅଭିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଆହୁରି କହିଛନ୍ତି ଯେ ସାଥାର ଏହି ସମସ୍ତ ମାମଲାରେ ଜାମିନ ପାଇ ସାରିଛନ୍ତି। କେରଳ ହାଇକୋର୍ଟ ଦ୍ୱାରା ଜାମିନ ନାମଞ୍ଜୁର ହେବା ବିରୁଦ୍ଧରେ ସାଥାରଙ୍କ ଆବେଦନ ଶୁଣାଣି କରୁଥିବା ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜଳ ଭୁୟାନଙ୍କ ବେଞ୍ଚ ତାଙ୍କୁ ଜାମିନ ମଞ୍ଜୁର କରିବାକୁ ନିଷ୍ପତ୍ତି ନେଇଛନ୍ତି। "ଆଦର୍ଶ ପାଇଁ କାହାକୁ ଜେଲରେ ରଖି ହେବ ନାହିଁ," ଜଷ୍ଟିସ ଓକା କହିଛନ୍ତି। "ଏହା ଏକ ପ୍ରବୃତ୍ତି ଯାହା ଆମେ ଦେଖୁଛୁ। କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ଆଦର୍ଶକୁ ଗ୍ରହଣ କରିଛନ୍ତି (ସେମାନଙ୍କୁ ଜେଲରେ ରଖାଯାଉଛି)," ସେ ଆହୁରି କହିଛନ୍ତି। ଯେତେବେଳେ ଏନଆଇଏ କହିଲା ଯେ ସାଥାରଙ୍କୁ ଆଗକୁ ଅପରାଧ ରୋକିବା ପାଇଁ ହେପାଜତରେ ରଖାଯାଇଛି, କୋର୍ଟ କହିଥିଲେ, "ଏହା ହେଉଛି ଦୃଷ୍ଟିକୋଣରେ ସମସ୍ୟା... ଦ ?ଷ୍ଟିକୋଣ ହେଉଛି ଆମେ ବ୍ୟକ୍ତିଙ୍କୁ ଜେଲରେ ରଖିବୁ।" "ତାଙ୍କୁ ବିଚାର ପାଇଁ ଆଗେଇ ନିଅ, ଦଣ୍ଡ ଦିଅ। ପ୍ରକ୍ରିୟା ନିଜେ ଦଣ୍ଡ ହେବା ଉଚିତ ନୁହେ," ଜଷ୍ଟିସ ଭୁୟାନ କହିଛନ୍ତି। ଶ୍ରୀନିବାସନଙ୍କୁ ୨୦୨୨ ଏପ୍ରିଲ ୧୬ରେ ପାଲାକ୍କାଡ଼ରେ ହତ୍ୟା କରାଯାଇଥିଲା, ଯାହା ପିଏଫଆଇର କାଡରଙ୍କ ଦ୍ୱାରା ହୋଇଥିବା ଅଭିଯୋଗ ରହିଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହା ପିଏଫଆଇ ଦ୍ୱାରା ଯୋଜନା କରାଯାଇଥିବା ଏକ ଶୃଙ୍ଖଳା ବିକ୍ଷୋଭ ସହ ଜଡ଼ିତ ଥିଲା। ଏହି ମାମଲାରେ ଅଭିଯୁକ୍ତ ୪୪ ଜଣଙ୍କ ମଧ୍ୟରୁ, ୯ ଜଣଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଗତ ବର୍ଷ ଜୁନରେ ଜାମିନ ପାଇଥିଲେ। ସାଥାର ଥିଲେ ସେହି ୯ ଜଣଙ୍କ ମଧ୍ୟରୁ ଜଣେ ଯିଏ ଜାମିନ ପାଇନଥିଲେ। କେରଳ ହାଇକୋର୍ଟ କହିଥିଲେ ଯେ ସେମାନଙ୍କ ବିରୁଦ୍ଧରେ ଥିବା ଅଭିଯୋଗଗୁଡ଼ିକ ପ୍ରାଥମିକ ଭାବେ ସତ୍ୟ।

## ବଜାରରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ : ଦିଲ୍ଲୀ କୋଟଲା ସେବା ନଗର ବଜାରରେ ଅଗ୍ନିକାଣ୍ଡ ଘଟିଛି । ଘଟଣା ସମ୍ପର୍କରେ ପ୍ରାୟ ଭୋର ୪ଟା ସମୟରେ ସୂଚନା ପାଇଥିବା ଦମକଳ ବାହିନୀର ଅଧିକାରୀ କହିଛନ୍ତି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ୮ଟି ଦମକଳ ବାହିନୀ ଗାଡି ଆସି ପହଞ୍ଚିଥିଲା । ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ । ନିଆଁ ଲାଗି ୬ଟି ବୋକାନ ଜଳିପୋଡି ପାଉଁଶ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ କାହାର କ୍ଷୟକ୍ଷତି ଭଳି ସୂଚନା ଆସିନାହିଁ । ସୂଚନାଯୋଗ୍ୟ, ରବିବାର ଦିନ ପୂର୍ବ ଦିଲ୍ଲୀର ଇ-ରିକ୍ସାରେ ନିଆଁ ଲାଗି ୬ ଜଣ ଆହତ ହୋଇଛନ୍ତି । ସକାଳ ପ୍ରାୟ ୩.୩୦ ସମୟରେ ଫର୍ଶ ବଜାରରେ ନିଆଁ ଲାଗି ଧୂଆଁ ସ୍ଥାନୀୟ ଅଞ୍ଚଳରେ ବ୍ୟାପିଯାଇଥିଲା । ଫଳରେ ଶ୍ୱାସରୁଦ୍ଧ ହୋଇ ୬ ଜଣ ଆୟତ ହୋଇପଡିଥିଲେ । ତେଣୁ ସେମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ସେମାନଙ୍କର ମୃତ୍ୟୁ ହୋଇଥିଲା । ସେହି ଅଗ୍ନିକାଣ୍ଡଟି ସର୍ଟ ସର୍କିଟ କାରଣରୁ ଘଟିଥିଲା ।

# ବାଲୋଚିସ୍ତାନ ବସ୍ ବିସ୍ଫୋରଣ ଅଭିଯୋଗ ଲଗାଇଲା ପାକିସ୍ତାନ



ନୂଆଦିଲ୍ଲୀ : ଭାରତ ପାକିସ୍ତାନର ଅଭିଯୋଗକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଛି ଯେ ଏହା ବାଲୋଚିସ୍ତାନରେ ଏକ ସ୍କୁଲ ବସ୍କୁ ଲକ୍ଷ୍ୟ କରି ଏକ ମାରାତ୍ମକ ଆତ୍ମଘାତୀ ବିସ୍ଫୋରଣର ଯୋଜନା କରିଥିଲା। ଏହି ଅଭିଯୋଗକୁ ଭାରତ "ଇସଲାମାବାଦର ନିଜର ବିଫଳତାରୁ ବିଶ୍ୱବ୍ୟାପୀ ତଦନ୍ତକୁ ଅନ୍ୟତ୍ର ମୋଡ଼ିବାର ଏକ ନିରାଶାଜନକ ପ୍ରୟାସ" ବୋଲି ଅଭିହିତ କରିଛି। ବୁଧବାର ସକାଳେ ଖୁଜଦାର ସହରରେ ଘଟିଥିବା ଏହି ବିସ୍ଫୋରଣରେ ଅତି କମରେ ତିନି ଶିଶୁ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଅନେକ ଆହତ ହୋଇଥିଲେ। ପାକିସ୍ତାନୀ ଅଧିକାରୀଙ୍କ ଅନୁସାରେ, ସନ୍ଦିଗ୍ଧ ଆତ୍ମଘାତୀ ବୋମା ଆକ୍ରମଣକାରୀ ଆର୍ମି ପବ୍ଲିକ ସ୍କୁଲକୁ ଯାଉଥିବା ଛାତ୍ରଙ୍କୁ ବହନ କରୁଥିବା ବସ୍ରେ ବିସ୍ଫୋରକ ଭର୍ତ୍ତି ଏକ ଗାଡ଼ି ଧକ୍କା ଦେଇଥିଲା। ଭାରତର ବୈଦେଶିକ ମନ୍ତ୍ରଣାଳୟ (ଏମଇଏ) ଏହି ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରି ଜୀବନହାନିକୁ ଦୁଃଖପ୍ରକାଶ କରିଛି, କିନ୍ତୁ ପାକିସ୍ତାନର ଦାବିକୁ ଆଧାରହୀନ ଏବଂ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ପ୍ରତ୍ୟାଖ୍ୟାନ କରିଛି। "ଭାରତ ଆଜି ଖୁଜଦାରରେ ଘଟିଥିବା ଘଟଣା ସହ ଭାରତୀୟ ସଂପୃକ୍ତି ସମ୍ପର୍କିତ ପାକିସ୍ତାନର ଆଧାରହୀନ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରୁଛି। ଭାରତ ଏଭଳି ସମସ୍ତ ଘଟଣାରେ ଜୀବନହାନି ପାଇଁ ଦୁଃଖ ପ୍ରକାଶ କରୁଛି। ତଥାପି, ବିଶ୍ୱରେ ଆତଙ୍କବାଦର ମୂଳ କେନ୍ଦ୍ର ଭାବେ ନିଜର ଖ୍ୟାତିରୁ ଦୃଷ୍ଟି ଅନ୍ୟତ୍ର ମୋଡ଼ିବା ଏବଂ ନିଜର ଗୁରୁତର ବିଫଳତାକୁ ଲୁଚାଇବା ପାଇଁ, ପାକିସ୍ତାନ ନିଜର ସମସ୍ତ ଆଭ୍ୟନ୍ତରୀଣ ସମସ୍ୟା ପାଇଁ ଭାରତକୁ ଦାୟୀ କରିବା ଏକ ଅଭ୍ୟାସ କରିଦେଇଛି," ଏମଇଏ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି। "ବିଶ୍ୱକୁ ଭ୍ରାନ୍ତିରେ ରଖିବାର ଏହି ପ୍ରୟାସ ବିଫଳ ହେବା ନିଶ୍ଚିତ," ସେ ଆହୁରି କହିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଆତଙ୍କବାଦୀ ସଂଗଠନ ଏହି ଆକ୍ରମଣର ଦାୟିତ୍ୱ ଗ୍ରହଣ କରିନାହିଁ। ତଥାପି, ପାକିସ୍ତାନର ସେନା ତୁରନ୍ତ ଭାରତ ଆଡ଼କୁ ଆଙ୍ଗୁଠି ଉଠାଇ ଏକ ବିବୃତି ଜାରି କରି ନୂଆଦିଲ୍ଲୀ ଉପରେ ଏହି ଆକ୍ରମଣର ଯୋଜନା ଏବଂ ସଂଗଠନ କରିଥିବା ଅଭିଯୋଗ ଲଗାଇଛି। "ଭାରତୀୟ ଆତଙ୍କବାଦୀ ପ୍ରକ୍ସିଗୁଡ଼ିକୁ ଭାରତ ରାଷ୍ଟ୍ରୀୟ ଉପକରଣ ଭାବେ ବ୍ୟବହାର କରୁଛି ଯାହା ପାକିସ୍ତାନରେ ନିରୀହ ଶିଶୁ ଏବଂ ନାଗରିକଙ୍କ ପରି ସହଜ ଲକ୍ଷ୍ୟ ବିରୁଦ୍ଧରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି," ବିବୃତିରେ ଅଭିଯୋଗ କରାଯାଇଛି।

## ସପ୍ତଶୃଙ୍ଗି ବିଲ୍ଡିଂର ଛାତ ଭୁଶୁଡିଲା : ୬ ମୃତ

ମହାରାଷ୍ଟ୍ର : ମହାରାଷ୍ଟ୍ରରେ ଭୁଶୁଡିଲା ୩୫ ବର୍ଷ ତଳର ପୁରୁଣା ସପ୍ତଶୃଙ୍ଗି ବିଲ୍ଡିଂର ଛାତ । ଏହି ଅଘଟଣରେ ୬ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଛନ୍ତି । ଏହି ଅଘଟଣ ସୋମବାର ହୋଇଥିବା ସୂଚନା ମିଳିଛି । ମହାରାଷ୍ଟ୍ରର କଲ୍ୟାଣ ପୂର୍ବର ମଙ୍ଗଳରାଘୋ ନଗର ଅଞ୍ଚଳରେ ଏପରି ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ପୋଲିସ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଆହତଙ୍କ ଅବସ୍ଥା ଗମ୍ଭୀର ଥିବା ଜଣାପଡିଛି । ଏପର୍ଯ୍ୟନ୍ତ ମୃତକ ଏବଂ ଆହତଙ୍କ ପରିଚୟ ସ୍ପଷ୍ଟ କରିଛନ୍ତି । ମୃତକ ହେଲେ ପ୍ରମିଳା ସାହୁ(୫୮), ନାମସ୍ୱୀ ଶୋଲାର(୧.୫), ସୁନିତା ସାହୁ(୩୭), ସୁଜାତା ପାଡ଼ୀ(୩୨), ସୁଶିଳା ଗୁଜର(୭୮) ଏବଂ ବ୍ୟଙ୍କଟ ଚହ୍ୱାନ(୪୨) । ଆହତ ହେଲେ ଅରୁଣା ଗିରଣାରାୟନ(୪୮), ଶରବିଲ ଶୋଲାର(୪), ବିନାୟକ ପାଧୀ(୪୫), ୟଶ କ୍ଷୀରସାଗର(୧୩), ନିଖିଲ ଖରାତ(୨୭) ଏବଂ ଶ୍ରଦ୍ଧା ସାହୁ(୧୪) । ସୂଚନାନୁଯାୟୀ, ସୋମବାର ଦିନ ମଙ୍ଗଳରାଘୋ ନଗର ଅଞ୍ଚଳରେ ଏକ ମର୍ମନ୍ତୁଦ ଅଘଟଣ ଘଟିଥିଲା । ୩୫ ବର୍ଷ ତଳର ପୁରୁଣା ସପ୍ତଶୃଙ୍ଗିର ଦ୍ୱିତୀୟ ମହଲା ଛାତ ଭୁଶୁଡି ପଡିଥିଲା । ଫଳରେ ଘଟଣାସ୍ଥଳରେ ୬ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୬ ଜଣ ଆହତ ହୋଇଥିଲେ। ତେଣୁ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ପୋଲିସ ଏବଂ ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାରେ ସଫଳ ହୋଇଥିଲେ । କିନ୍ତୁ ସେମାନେ ଗମ୍ଭୀର ସ୍ଥିତି ରହିଛନ୍ତି । ଏପଟେ ଦୁଘର୍ଟଣା ପରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଏଥିରେ ଅଗ୍ନିଶମ ବାହିନୀ ଟିମ୍, ପୋଲିସ, ଟିଡିଆରଏଫ ଏବଂ ସାମାଜିକ ସଂଗଠନଗୁଡିକ ଏହି କାର୍ଯ୍ୟରେ ସାମିଲ ଥିଲେ । କେଡିଏମସି ଏହି ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

# ଆମେରିକା ତିଆରି କରିବ ବିଶ୍ୱର ସବୁଠୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ : ଅପରେସନ 'ସିନ୍ଦୂର' ସମୟରେ ପାକିସ୍ତାନର ଆକ୍ରମଣକୁ ପ୍ରତିହତ କରିବା ଲାଗି ଭାରତ ରୁଷ ନିର୍ମିତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ବ୍ୟବହାର କରିଥିଲା। ଏହା ସହିତ ଭାରତୀୟ ଡିଫେନ୍ସ ସିଷ୍ଟମ ଆକାଶ ମଧ୍ୟ ବଡ଼ ଭୂମିକା ଗ୍ରହଣ କରିଥିଲା। ଆଧୁନିକ ଯୁଦ୍ଧରେ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାର ଗୁରୁତ୍ୱ ବହୁ ଅଧିକ। ଅପରେସନ ସିନ୍ଦୂର ପରେ ଏସ-୪୦୦ର ଚାହିଦା ବେଶ୍ ? ବୃଦ୍ଧି ପାଇଛି। ରାଡାର, ସାଟେଲାଇଟ ଏବଂ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଉପରେ ଆଧାରିତ ସେନ୍ ?ସର ଉପରେ କାମ କରୁଥିବା କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ବିପଦକୁ ଆଗୁଆ ଚିହ୍ନଟ କରି କ୍ଷେପଣାସ୍ତ୍ରଗୁଡ଼ିକୁ ଆକାଶରେ ହିଁ ନଷ୍ଟ କରିଦେଇଥାଏ। ଯାହାଫଳରେ ଜନସାଧାରଣଙ୍କୁ ସୁରକ୍ଷା ମିଳିଥାଏ। ୭ ଅକ୍ଟୋବର ୨୦୨୩ରେ ବି ଇସ୍ରାଏଲ ନିଜର ଆଇରନ ଡୋମ (କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା) ଜରିଆରେ ହମାସ ଆତଙ୍କବାଦୀ ସଂଗଠନର ବହୁ କ୍ଷେପଣାସ୍ତ୍ରକୁ ଆକାଶରେ ନଷ୍ଟ କରିଦେଇଥିଲା। ତେଣୁ ଆଧୁନିକ ଯୁଦ୍ଧରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏସବୁକୁ ଦୃଷ୍ଟିରେ ରଖି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ଏବେ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାକୁ ଯାଉଛି। ଯୁଦ୍ଧ ସମୟରେ ପ୍ରତିରକ୍ଷା ମେକାନିଜମକୁ ନୂଆ ସ୍ତରକୁ ନେବା ଲାଗି ଆମେରିକା ପ୍ରସ୍ତୁତି ଚଳାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏପରି ଏକ କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥା ତିଆରି କରିବାକୁ ଯାଉଛି, ଯାହା ଏୟାରସ୍ପେଶ୍ ?କୁ ଅଭେଦ୍ୟ, ଅଜେୟ ଏବଂ ଅଖଣ୍ଡନୀୟ କରିଦେବ। ଟ୍ରମ୍ପ ଏହି କ୍ଷେପଣାସ୍ତ୍ର ପ୍ରତିରକ୍ଷା ବ୍ୟବସ୍ଥାକୁ ଗୋଲ୍ ?ଡେନ ଡୋମ ବା ସ୍ୱର୍ଣ୍ଣିମ ଡୋମ ନାମରେ ନାମିତ କରିଛି। ଆମେରିକା ବର୍ତ୍ତମାନ ସମୟରେ କୌଣସି ଦେଶ ସହିତ ପ୍ରତ୍ୟକ୍ଷ ଯୁଦ୍ଧ କରୁନାହିଁ। କିନ୍ତୁ ଆଗାମୀ ଭବିଷ୍ୟତରେ ଯୁଦ୍ଧ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ପାରିବ ନାହିଁ। ତେଣୁ ଏହାକୁ ଧ୍ୟାନରେ ରଖି ଆମେରିକା ନୂଆ ପ୍ରତିରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଯାଉଛି। ବିଶେଷ କରି ଚୀନ, ରୁଷ, ଇରାନ, ଉତ୍ତରକୋରିଆ ଭଳି ଦେଶଠାରୁ ଆମେରିକାକୁ ବିପଦ ରହିଛି। ତେଣୁ ବିଦେଶୀ ଶତ୍ରୁଠାରୁ ନିଜକୁ ସୁରକ୍ଷିତ ରଖିବା ଲାଗି ଟ୍ରମ୍ପ ଏହି ନୂତନ ପ୍ରତିରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଯାଉଥିବା କୁହାଯାଉଛି। ଗୋଲଡେନ ଡୋମ ଏୟାର ଡିଫେନ୍ସ ସିଷ୍ଟମ ସାଟେଲାଇଟର ଏକ ନେଟୱର୍କ ଉପରେ କାମ କରିବ, ଯାହା ଆସୁଥିବା କ୍ଷେପଣାସ୍ତ୍ରଗୁଡ଼ିକୁ ଚିହ୍ନଟ କରିବ ଏବଂ ତାହାକୁ ନଷ୍ଟ କରିବ। ଏହା ସିଲ୍ ?ଡ ମିଜାଇଲଗୁଡ଼ିକୁ ଚିହ୍ନଟ କରିବା ଏବଂ ସେଗୁଡ଼ିକ ଉପରେ ନଜର ରଖିବା ଲାଗି ଶତାଧିକ ସାଟେଲାଇଟକୁ ବ୍ୟବହାର କରିପାରେ। ସବୁଠୁ ଆଶ୍ଚର୍ଯ୍ୟ କଥା ହେଲା ସାରା ବିଶ୍ୱର କୋଣ ଅନୁକୋଣ ପର୍ଯ୍ୟନ୍ତ ଏହି ପ୍ରତିରକ୍ଷା ବ୍ୟବସ୍ଥା ରେଞ୍ଜ ମଧ୍ୟରେ ରହିପାରିବ। ୨୦୨୯ ସୁଦ୍ଧା ଏହାର ନିର୍ମାଣ ଶେଷ କରିବାକୁ ଟ୍ରମ୍ପ ଲକ୍ଷ୍ୟ ରଖିଛନ୍ତି। ଗୋଲଡେନ ଡୋମ ଭବିଷ୍ୟତର ଯୁଦ୍ଧାସ୍ତ୍ର ହେବ। ଏହା ଆମେରିକା ପାଇଁ ବହୁସ୍ତରୀୟ ଇଣ୍ଟରସେପ୍ଟରର କାର୍ଯ୍ୟ କରିବ। ୩୬୦ ଡିଗ୍ରୀରୁ ବିପଦକୁ ଠାବ କରି ତାହାକୁ ପ୍ରତିହତ କରିବ।

## ସୁଟକେସରୁ ମହିଳାଙ୍କ ମିଳିଲା ମୃତଦେହ

ବେଙ୍ଗାଲୁରୁ : ବୁଧବାର ବେଙ୍ଗାଲୁରୁରେ ଏକ ରେଳ ପୋଲ ନିକଟରେ ଏକ ଛିଣ୍ଡା ନୀଳ ରଙ୍ଗର ସୁଟକେସ ମିଳିଥିଲା ଏବଂ ଏହାର ଭିତରେ ଯାହା ଥିଲା ତାହା ସମସ୍ତଙ୍କୁ ଡରାଇ ଦେଇଥିଲା। ଏହା ଭିତରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା, ଯାହାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସୁଟକେସଟି ବେଙ୍ଗାଲୁରୁର ଚନ୍ଦାପୁରା ପୁରୁଣା ରେଳ ପୋଲ ନିକଟରେ ସ୍ଥାନୀୟ ଲୋକ ଠାବ କରିଥିଲେ, ଏବଂ ପୋଲିସ ସନ୍ଦେହ କରୁଛି ଯେ ଏହା ଏକ ଚଳନ୍ତା ଟ୍ରେନରୁ ଫିଙ୍ଗି ଦିଆଯାଇଥିଲା। "ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମହିଳାଙ୍କୁ ଅନ୍ୟ କୌଣସି ସ୍ଥାନରେ ହତ୍ୟା କରାଯାଇଥିଲା ଏବଂ ମୃତଦେହକୁ ସୁଟକେସରେ ଭର୍ତ୍ତି କରି ଚଳନ୍ତା ଟ୍ରେନରୁ ଫିଙ୍ଗି ଦିଆଯାଇଥିଲା। ମୃତଦେହ ପାଖରେ କୌଣସି ପରିଚୟ ପତ୍ର ମିଳିନାହିଁ ଏବଂ ଆମେ ମହିଳାଙ୍କ ବିଷୟରେ ତଥ୍ୟ ଜାଣିବାକୁ ଚେଷ୍ଟା କରୁଛୁ, ଯେପରି ତାଙ୍କ ନାମ, ବୟସ ଏବଂ ସେ କେଉଁଠାରୁ ଆସିଥିଲେ," ଜଣେ ଅଧିକାରୀ କହିଛନ୍ତି। ବେଙ୍ଗାଲୁରୁ ପୋଲିସ ଏକ ମାମଲା ରୁଜୁ କରିଛି ଏବଂ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ମାର୍ଚ୍ଚ ମାସରେ ଏକ ସମାନ ଘଟଣାରେ, ବେଙ୍ଗାଲୁରୁର ହୁଳିମାଭୁରେ ଏକ ଘରେ ୩୨ ବର୍ଷୀୟ ମହିଳା ଗୌରୀ ଅନିଲ ସାମ୍ବେକରଙ୍କ ମୃତଦେହ ସୁଟକେସରେ ଭର୍ତ୍ତି ଅବସ୍ଥାରେ ମିଳିଥିଲା। ତାଙ୍କ ସ୍ୱାମୀ ରାକେଶ ସାମ୍ବେକରଙ୍କୁ ପୁଣେରୁ ଗିରଫ କରାଯାଇଥିଲା ଏବଂ ସେ ନାକି ଗୌରୀଙ୍କ ପରିବାରକୁ ଫୋନ କରି ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହି ଦମ୍ପତି, ଯେଉଁମାନେ ମହାରାଷ୍ଟ୍ରରୁ ଥିଲେ, ଦୁଇ ବର୍ଷ ପୂର୍ବେ ବିବାହ କରିଥିଲେ ଏବଂ ଜାନୁଆରୀରେ ବେଙ୍ଗାଲୁରୁକୁ ଚାଲି ଆସିଥିଲେ। ରାକେଶ ଏକ ଆଇଟି କମ୍ପାନୀରେ ପ୍ରୋଜେକ୍ଟ ମ୍ୟାନେଜର ଭାବେ କାମ କରୁଥିବା ବେଳେ, ଗୌରୀ ଏକ ଚାକିରି ଖୋଜୁଥିଲେ।

# ପାକିସ୍ତାନ ପରେ ବାଂଲାଦେଶ ଯିବାକୁ ପ୍ଲାନ କରିଥିଲେ ଜ୍ୟୋତି



ନୂଆଦିଲ୍ଲୀ : ହରିୟାଣାର ହିସାର ନିବାସୀ ଜ୍ୟୋତି ମଲହୋତ୍ରା, ଯିଏ 'ଟ୍ରାଭେଲ ଉଇଥ ଜୋ' ନାମକ ଏକ ଲୋକପ୍ରିୟ ୟୁଟ୍ୟୁବ ଚ୍ୟାନେଲ ଚଳାନ୍ତି, ତାଙ୍କୁ ଗୁଇନ୍ଦା ସୂଚନା ଦେବା ଅଭିଯୋଗରେ ଗତ ୧୬ ମେରେ ଗିରଫ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଜ୍ୟୋତି ପାକିସ୍ତାନରୁ ଫେରିବା ପରେ ବାଂଲାଦେଶ ଯିବାର ଯୋଜନା କରୁଥିଲେ। ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ତାଙ୍କର ବାଂଲାଦେଶ ଭିସା ଆବେଦନ ଫର୍ମ ଜବତ କରିଛି, ଯାହା ତାଙ୍କ ଯୋଜନାକୁ ସୂଚାଇଛି। ଜ୍ୟୋତିଙ୍କ ୟୁଟ୍ୟୁବ ଚ୍ୟାନେଲ 'ଟ୍ରାଭେଲ ଉଇଥ ଜୋ'ରେ ପ୍ରାୟ ୩.୭୭ ଲକ୍ଷ ସବସ୍କ୍ରାଇବର ଅଛନ୍ତି। ସେ ନିଜକୁ ଜଣେ 'ନୋମାଡିକ ଲିଓ ଗାର୍ଲ' ଓ 'ହରିୟାଣୀ+ପଞ୍ଜାବୀ' ଭାବେ ବର୍ଣ୍ଣନା କରନ୍ତି। ତାଙ୍କ ଭିଡିଓଗୁଡିକ ସେ ପାକିସ୍ତାନ, ଚୀନ, ଇଣ୍ଡୋନେସିଆ ଓ ଭାରତର ବିଭିନ୍ନ ସ୍ଥାନର ଭ୍ରମଣ ଅନୁଭବ ସେୟାର କରିଛନ୍ତି। କିନ୍ତୁ ତାଙ୍କର ପାକିସ୍ତାନ ଯାତ୍ରା ଓ ସେଠାକାର ଅଧିକାରୀଙ୍କ ସହ ସମ୍ପର୍କ ତଦନ୍ତକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ସୂଚନା ଅନୁଯାୟୀ, ଜ୍ୟୋତି ୨୦୨୩ରେ ପାକିସ୍ତାନ ହାଇ କମିସନରେ ଭିସା ପାଇଁ ଯାଇଥିବା ସମୟରେ ଏହସାନ-ଉର-ରହିମ ଓରଫ ଡାନିଶ ନାମକ ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ। ଏହା ପରେ ସେ ଦୁଇଥର ପାକିସ୍ତାନ ଯାଇଥିଲେ ଓ ସେଠାରେ ଅଲି ଆହୱାନ, ଶାକିର ଓ ରାଣା ଶାହବାଜ ନାମକ ବ୍ୟକ୍ତିଙ୍କୁ ଭେଟିଥିଲେ। ଏହି ସମୟରେ ସେ ପାକିସ୍ତାନୀ ଗୁଇନ୍ଦା ଅଧିକାରୀଙ୍କ ସହ ଯୋଗାଯୋଗ ରଖି ଗୁପ୍ତ ସୂଚନା ଆଦାନପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ସେ ଶାକିରଙ୍କ ନମ୍ବରକୁ 'ଜାଟ ରନ୍ଧାୱା' ନାମରେ ସେଭ କରିଥିଲେ ଯାହା ସନ୍ଦେହ ଏ ପାଇଁ ଥିଲା। ଜ୍ୟୋତିଙ୍କ ଡାଏରୀରୁ ମିଳିଥିବା ସୂଚନା ଅନୁଯାୟୀ, ସେ ଲେଖିଛନ୍ତି, ପାକିସ୍ତାନରେ ୧୦ ଦିନର ଯାତ୍ରା ପରେ ମୁଁ ମୋ ଦେଶ ଭାରତକୁ ଫେରିଛି। ସୀମାର ଦୂରତା କେତେ ଦିନ ରହିବ ଜଣା ନାହିଁ, କିନ୍ତୁ ହୃଦୟର ଅଭିଯୋଗ ଦୂର ହେବା ଉଚିତ। ଆମେ ସମସ୍ତେ ଏକ ମାଟିର, ଏକ ପୃଥିବୀର। ଏହି ଲେଖା ତାଙ୍କର ପାକିସ୍ତାନ ପ୍ରତି ସକାରାତ୍ମକ ଦୃଷ୍ଟିକୋଣକୁ ସୂଚାଇଛି। ତାଙ୍କୁ ଅଫିସିଆଲ ସିକ୍ରେଟ୍ସ ଆକ୍ଟ ଓ ଭାରତୀୟ ନ୍ୟାୟ ସଂହିତାର ଧାରା ୧୫୨ ଅନୁଯାୟୀ ଅଭିଯୁକ୍ତ କରାଯାଇଛି। ତାଙ୍କର ମୋବାଇଲ ଓ ଲାପଟପରୁ ମିଳିଥିବା ସୂଚନା ତଦନ୍ତ ପାଇଁ ଫରେନସିକ ବିଶ୍ଳେଷଣକୁ ପଠାଯାଇଛି। ଏହା ସହିତ, ତାଙ୍କର ଆର୍ଥିକ ନେଣଦେଣ ଓ ଭ୍ରମଣ ଇତିହାସ ମଧ୍ୟ ଖୋଳତାଡ଼ କରାଯାଉଛି। ଜ୍ୟୋତିଙ୍କ ବାପା ହରିଶ ମଲହୋତ୍ରା କହିଛନ୍ତି ଯେ ସେ ତାଙ୍କ ପାକିସ୍ତାନ ଯାତ୍ରା ବିଷୟରେ ଅଜଣା ଥିଲେ ଓ ଜ୍ୟୋତି ତାଙ୍କୁ କେବଳ ଦିଲ୍ଲୀ ଯାଉଥିବା କହୁଥିଲେ। ତେବେ ପୂର୍ବରୁ ସେ କହିଥିଲେ ଯେ ଜୋତି ଆବଶ୍ୟକ ଅନୁମତି ନେଇ ପାକିସ୍ତାନ ଯାଇଥିଲେ। ଏହି ମାମଲା ଭାରତ-ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇପ ଗତ ଏପ୍ରିଲ ୨୨ରେ ଜାମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା, ତାହା ପରେ ଭାରତ ଅପରେସନ ସିନ୍ଦୁର ଆରମ୍ଭ କରି ପାକିସ୍ତାନରେ ଆତଙ୍କବାଦୀ ଶିବିର ଉପରେ ଆକ୍ରମଣ କରିଥିଲା। ଜ୍ୟୋତିଙ୍କ ପାହାଲଗାମ ଯାତ୍ରା ମଧ୍ୟ ଏହି ଆକ୍ରମଣ ସହ ଜଡିତ ଥାଇପାରେ ବୋଲି ତଦନ୍ତକାରୀ ସନ୍ଦେହ କରୁଛନ୍ତି।

## ଆଜି ୟୁଏଇ ଗସ୍ତରେ ସର୍ବଦଳୀୟ ପ୍ରତିନିଧି ଦଳ

ନୂଆଦିଲ୍ଲୀ : ଆତଙ୍କବାଦୀଙ୍କୁ ନିଜ ମାଟିରେ ପାଳୁଥିବା ପାକିସ୍ତାନର ଅସଲ ମୁଖା ଖୋଲିବାକୁ ଆଜିଠୁ ବିଭିନ୍ନ ଦେଶକୁ ଗସ୍ତ କରିବେ ସର୍ବଦଳୀୟ ପ୍ରତିନିଧି ଦଳ । ଆଜି ୟୁଏଇକୁ ପ୍ରଥମ ପ୍ରତିନିଧି ଦଳ ଗସ୍ତ କରିବା ନେଇ ସୂଚନା ମିଳିଛି । ଯାହାର ନେତୃତ୍ୱ ନେବେ ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେ । ଦଳ କଙ୍ଗୋ, ସିଏରା ଲିଓନି ଓ ଲାଇବେରିଆକୁ ମଧ୍ୟ ଯିବେ । ସୂଚନା ଯୋଗ୍ୟ ପାକିସ୍ତାନର ଅସଲ ମୁଖା ଅନ୍ତର୍ଜାତୀୟ ସ୍ତରରେ ପର୍ଦ୍ଦାଫାସ କରିବା ପାଇଁ ମୋଦୀ ସରକାର ଏକ ସ୍ୱତନ୍ତ୍ର ଦଳ ଗଠନ କରିଛନ୍ତି । ଏଥିପାଇଁ ୭ଟି ସର୍ବଦଳୀୟ ପ୍ରତିନିଧି ଦଳ ଗଠନ ହୋଇଛି । ପ୍ରତ୍ୟେକ ଟିମର ନେତୃତ୍ୱ ନେଉଛନ୍ତି ୭ଜଣ ବରିଷ୍ଠ ସାଂସଦ । ବିଜେପିର ରବିଶଙ୍କର ପ୍ରସାଦ ଓ ବୈଜୟନ୍ତ ପଣ୍ଡା ନେତୃତ୍ୱ ନେଉଛନ୍ତି । ସେହିପରି କଂଗ୍ରେସର ଶଶି ଥରୁର, ଜେଡିୟୁର ସଞ୍ଜୟ ଝା ନେତୃତ୍ୱ ନେଇଥିବା ବେଳେ ଡିଏମକେର କାନିମୋଇ କରୁଣାନିଧି ଓ ଏନସିପିର ସୁପ୍ରିୟା ସୁଲେ, ଶିବସେନାର ଶିକାନ୍ତ ଏକନାଥ ସିନ୍ଦେ ନେତୃତ୍ୱ ନେଇଛନ୍ତି । ଜାତିସଂଘର ସଦସ୍ୟ ରାଷ୍ଟ୍ରକୁ ମଧ୍ୟ ପ୍ରତିନିଧି ଦଳ ଗସ୍ତ କରିବେ ।

# ଫାଇନାଲ ପାଇଁ ଟିଏମସି-ବିଜେପି ମୁହାଁମୁହିଁ

ନୂଆଦିଲ୍ଲୀ,୨୧।୫: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ର ଫାଇନାଲ ମ୍ୟାଚ କୋଲକାତାର ଐତିହାସିକ ଇଡେନ ଗାର୍ଡେନ୍ସରୁ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ସ୍ଥାନାନ୍ତର କରାଯିବା ନିଷ୍ପତ୍ତିକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି। ଏହି ନିଷ୍ପତ୍ତି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ (ଟିଏମସି) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ମଧ୍ୟରେ ମୁହାଁମୁହିଁ ସୃଷ୍ଟି କରିଛି।ଟିଏମସି ଏହି ନିଷ୍ପତ୍ତିକୁ ରାଜନୈତିକ ଚପ ବୋଲି ଅଭିଯୋଗ କରିଥିବା ବେଳେ, ଭାଜପା ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ସ୍ଥିତିକୁ ଦାୟୀ କରିଛି।

ବିସିସିଆଇ ମଙ୍ଗଳବାର ଘୋଷଣା କରିଛି ଯେ, ୨୦୨୫ର ଫାଇନାଲ ଜୁନ ୩ ତାରିଖରେ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ସହିତ କ୍ୱାଲିଫାୟର ୨ ମଧ୍ୟ ଜୁନ ୧ ତାରିଖରେ ଏହି ଷ୍ଟାଡିୟମରେ ଖେଳାଯିବ। କ୍ୱାଲିଫାୟର ୧ ଓ ଏଲିମିନେଟର ମ୍ୟାଚ ମେ ୨୯ ଓ ୩୦ ତାରିଖରେ ନୂଆ। ପିସିଏ ଷ୍ଟାଡିୟମ, ମୁଲ୍ଲାନପୁର (ନୂଆ ଚଣ୍ଡୀଗଡ଼)ରେ ଅନୁଷ୍ଠିତ ହେବ। ପୂର୍ବରୁ




କୋଲକାତା ଓ ହାଇଦ୍ରାବାଦ ପ୍ଲେ-ଅଫ ମ୍ୟାଚ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା, କିନ୍ତୁ ଭାରତ-ପାକିସ୍ତାନ ମଧ୍ୟରେ ସୈନ୍ୟ ସଂଘର୍ଷ କାରଣରୁ ଟୁର୍ନାମେଣ୍ଟ ଏକ ସପ୍ତାହ ପାଇଁ ସ୍ଥଗିତ ରହିଥିଲା ଏହା ପରେ ବିସିସିଆଇ ଶିଡ୍ୟୁଲ ପୁନଃନିର୍ଦ୍ଧାରଣ କରି ନୂଆ। ସ୍ଥାନ ଘୋଷଣା କରିଛି ମୁଖ୍ୟ କାରଣ ହେଉଛି କୋଲକାତାରେ ଜୁନ ପ୍ରାରମ୍ଭରେ ମୌସୁମୀ ବର୍ଷାର ସମ୍ଭାବନା, ଯାହା ମ୍ୟାଚରେ ବାଧା ସୃଷ୍ଟି କରିପାରେ ଅହମ୍ମଦାବାଦରେ ଜୁନ ପ୍ରାରମ୍ଭରେ ଶୁଷ୍କ ପାଗ ଥାଏ, ଯାହା ଏହାକୁ ଏକ ନିରାପଦ ବିକଳ୍ପ କରିଛି।

ଟିଏମସିର ଆଇଟି ଓ ସୋସିଆଲ ମିଡିଆ। ମୁଖ୍ୟ ଦେବାଂଶୁ ଭଟ୍ଟାଚାର୍ଯ୍ୟ ଏହି ନିଷ୍ପତ୍ତିକୁ ନେଇ କେନ୍ଦ୍ର ସରକାର ଓ ବିସିସିଆଇ ଉପରେ ତୀବ୍ର ଆକ୍ରମଣ କରିଛନ୍ତି ସେ କହିଛନ୍ତି, ଦେଶ କଣ କେବଳ ଗୁଜରାଟର ସମ୍ପତ୍ତି ହୋଇଛି ? ସମସ୍ତ ବଡ଼ ମ୍ୟାଚ କାହିଁକି ଅହମ୍ମଦାବାଦରେ ହେଉଛି ? ସେ ଆହୁରି ଯୁକ୍ତି ଦେଇଛନ୍ତି ଯେ, କୋଲକାତା ନାଇଟ ରାଇଡର୍ସ (କେକେଆର) ପୂର୍ବତନ ଚାମ୍ପିଅନ ହୋଇଥିବାରୁ କୋଲକାତା ଫାଇନାଲ ଆୟୋଜନର ଅଧିକାରୀ ଟିଏମସି ମୁଖପାତ୍ର କୁନାଲ ଘୋଷ ମଧ୍ୟ ଏହି ନିଷ୍ପତ୍ତିକୁ ରାଜନୈତିକ ଚାଲ ବୋଲି ଅଭିଯୋଗ କରିଛନ୍ତି ଏବଂ ଭାଜପାର ଆଇନଶୃଙ୍ଖଳା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପଶ୍ଚିମବଙ୍ଗ ଭାଜପା ସଭାପତି ତଥା କେନ୍ଦ୍ରୀୟ ମନ୍ତ୍ରୀ ସୁକାନ୍ତ ମଜୁମଦାର ମମତା ବାନାର୍ଜୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି।ସେ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଆଇନଶୃଙ୍ଖଳା ସ୍ଥିତିର ଅବନତି ହେତୁ ବିସିସିଆଇ ଏହି ନିଷ୍ପତ୍ତି ନେଇଛି। ଏହା ସହିତ, ସେ ମମତା ସରକାରଙ୍କୁ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ନେଇ ଟାର୍ଗେଟ କରିଛନ୍ତି।

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୨ | ୦୯ | ୦୩ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୨ | ୦୮ | ୦୩ | ୧୭ |
| ପଞ୍ଜାବ କିଙ୍ଗ୍ସ | ୧୨ | ୦୮ | ୦୩ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୩ | ୦୮ | ୦୫ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୩ | ୦୬ | ୦୫ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୩ | ୦୫ | ୦୬ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୨ | ୦୫ | ୦୭ | ୧୦ |
| ସନରାଇଜର୍ସ ହାଇଦ୍ରାବାଦ | ୧୨ | ୦୪ | ୦୭ | ୦୯ |
| ରାଜସ୍ଥାନ ରୟାଲ୍ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୩ | ୦୩ | ୦୯ | ୦୬ |

# ରାଜସ୍ଥାନ ଅଭିଯାନ ବିଜୟରେ ଶେଷ, ଚେନ୍ନାଇ ପୁଣି ହାରିଲା

ନୂଆଦିଲ୍ଲୀ,୨୧।୫: ପାଞ୍ଚଥର ବିଜେତା ଚେନ୍ନାଇ ସୁପରକିଙ୍ଗ୍ସର ଦୟନୀୟ ପ୍ରଦର୍ଶନ ଜାରି ରହିଛି ପ୍ଲେ ଅଫ୍‌ରୁ ବାଦ୍ ପଡ଼ିବା ପରେ ସମ୍ମାନର ସହ ଅଭିଯାନ ଶେଷ କରିବା ଲକ୍ଷ୍ୟରେ ଥିବା ଚେନ୍ନାଇ ମଙ୍ଗଳବାର ରାଜସ୍ଥାନ ରୟାଲ୍ସଠାରୁ ୬ ୱିକେଟ୍‌ରେ ହାରି ଲଜ୍ଜାଜନକ ଭାବେ ତ୍ରୟୋଦଶ ମ୍ୟାଚ୍‌ରୁ ଦଶମ ପରାଜୟ ବରଣ କରିଛି। ପ୍ଲେ ଅଫ୍ ଆଶା ହରାଇ ସାରିଥିବା ରାଜସ୍ଥାନ କିନ୍ତୁ ନିଜ ଶେଷ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇ କିଛିଟା ସମ୍ମାନ ସାଉଣ୍ଟିଛି ଚତୁର୍ଦ୍ଦଶ ମ୍ୟାଚ୍‌ରୁ ରାଜସ୍ଥାନ ଆଜି ଚତୁର୍ଥ ବିଜୟ ପାଇଛି। ପୂରା ପ୍ରତିଯୋଗିତାରେ ବ୍ୟାଟିଂ ବିଫଳତାର ସମ୍ମୁଖୀନ ହୋଇଥିବା ଚେନ୍ନାଇ ମଙ୍ଗଳବାର ୧୮୮ ରନ୍‌ର ଲକ୍ଷ୍ୟ ଦେଇଥିଲା।

ରାଜସ୍ଥାନ ଏହାକୁ ନିଜ ୧୪ ବର୍ଷୀୟ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ଜଜ୍ୱଲ୍ୟମାନ ଅର୍ଦ୍ଧଶତକ ବଳରେ ମାତ୍ର ୪ ୱିକେଟ୍ ବିନିମୟରେ ହାସଲ କରି ନେଇଥିଲା। ପୂର୍ବରୁ ରାଜସ୍ଥାନ ଟସ୍ ଜିତି ଚେନ୍ନାଇକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ୧୨ ରନ୍ ଭିତରେ ଦୁଇଟି ଝଟ୍‌କା ଦେଇ ଏହି ନିଷ୍ପତ୍ତିର ଯଥାର୍ଥ ସମ୍ମାନ ରଖିଥିଲେ। ଏହାର ବୋଲର୍ ଯୁଦ୍ଧବୀର ସିଂହ (୩/୪୭) ଓ ଆକାଶ ମାଡ଼ାଲ (୩/୨୯) ଲଗାତାର୍ ବିକେଟ୍ ଝାଡ଼ି ୭୮ ରନ୍‌ରେ ଚେନ୍ନାଇର ଅଧାଦଳକୁ ପ୍ୟାଭିଲିୟନ ଫେରାଇ ଦେଇଥିଲେ। ଚେନ୍ନାଇର ୧୭ବର୍ଷୀୟ




ଓପନର୍ ଆୟୁଷ ମହାତ୍ରେ ଲଢ଼ିଥିଲେ। ହେଲେ ଅର୍ଦ୍ଧଶତକର ୭ ରନ୍ ପୂର୍ବରୁ ନିଜ ୱିକେଟ୍ ଫିଙ୍ଗି ଦେଇଥିଲେ। ପରେ ଡିଲ୍ଡ ବ୍ରେଭିସ୍ ଓ ଇମ୍ପାକ୍ଟ ପ୍ଲେୟର ଶିବମ ଦୁବେଙ୍କ ମଧ୍ୟରେ ହୋଇଥିବା ୫୯ ରନ୍‌ର ଭାଗୀଦାରି ପାଇଁ ଚେନ୍ନାଇ ୮ ୱିକେଟ୍ ବିନିମୟରେ ୧୮୭ ରନ୍ କରିଥିଲା। ସଂକ୍ଷିପ୍ତ ସ୍କୋର: ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୮୭/୮ (ଆୟୁଷ ମହାତ୍ରେ ୪୩, ଡିଲ୍ଡ ବ୍ରେଭିସ୍ ୪୨, ଶିବମ ଦୁବେ ୩୯, ଆକାଶ ମାଡ଼ାଲ ୩/୨୯, ଯୁଦ୍ଧବୀର ସିଂହ ୩/୪୭) ରାଜସ୍ଥାନ ରୟାଲ୍ସ ୧୭.୧ ଓଭରରେ ୧୮୮/୪ (ବୈଭବ ସୂର୍ଯ୍ୟବଂଶୀ ୫୭, ସଞ୍ଜୁ ସାମସନ୍ ୪୧, ଯଶସ୍ୱୀ ଜୟସ୍ୱାଲ ୩୬, ଧ୍ରୁବ ଜୁରେଲ ୩୧, ସିମରନ୍ ହେଟମାୟର-୧୨, ଆର୍ ଅଶ୍ୱିନ ୨/୪୧)।

# ଏସିଆନ୍ ମାର୍ସଲଆର୍ଟର ଟାଏକୋଣ୍ଡୋରେ ବିଶ୍ୱରଞ୍ଜନଙ୍କୁ କାଂସ୍ୟ

ଖୋର୍ଦ୍ଧା,୨୧।୫: ନେପାଳର କାଠମାଣ୍ଡୁ ଠାରେ ମେ ୧୬ ରୁ ମେ ୧୮ ତାରିଖ ପର୍ଯ୍ୟନ୍ତ ଏସିଆନ୍ ମାର୍ସଲଆର୍ଟ ର ଟାଏକୋଣ୍ଡୋ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ସିନିୟର ବାଳକ ବିଭାଗ ରେ ଏକେଏସ୍ ଟାଏକୋଣ୍ଡୋ ଏକାଡେମି ର ବିଶ୍ୱରଞ୍ଜନ ଅମରଦୀପ୍ ଏସିଆନ୍ ମାର୍ସଲଆର୍ଟ ର ଟାଏକୋଣ୍ଡୋ ପ୍ରତିଯୋଗୀତା ରେ ପୁମ୍‌ସେ ବିଭାଗ ରେ ତୃତୀୟ ସ୍ଥାନ ଅଧିକାର କରି ଏସିଆ। ମହାଦେଶ ରେ ଭାରତ ପାଇଁ ଗୌରବ ଅର୍ଜନ କରିଛନ୍ତି. ସେ ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁ ଙ୍କ ତତ୍ତ୍ୱାବିଧାନ ରେ ଏବଂ ତାଙ୍କ ପରିମାର୍ଜିତ ଶିକ୍ଷକତା ଯୋଗୁ ବିଶ୍ୱରଞ୍ଜନ ଆଜି ଭାରତ ପାଇଁ ତଥା ଓଡିଶା ପାଇଁ ଗର୍ବ ପାଲଟିଛନ୍ତି। ଗ୍ରାଣ୍ଡମାଷ୍ଟର ଅଶୋକ କୁମାର ସାହୁ ସମ୍ପାଦକ (ଖୋର୍ଦ୍ଧା ଜିଲ୍ଲା ଟାଏକୋଣ୍ଡୋ ଆସୋସିଏସନ ର ପ୍ରତିଷ୍ଠାତା ତଥା ବିଶ୍ୱ ଟାଏକୋଣ୍ଡୋ ମୁଖ୍ୟାଳୟ ଆନ୍ତର୍ଜାତୀୟ ପ୍ରଶିକ୍ଷକ) ବିଶ୍ୱ ଟାଏକୋଣ୍ଡୋ ମହାସଂଘ ର ବିଚାରକ ଏବଂ ଦଳ ସଞ୍ଚାଳକ ଶ୍ରୀମତୀ ଭାରତୀ ଜଗଦେବଙ୍କ ନେତୃତ୍ୱରେ ସଫଳତା ହାସଲ କରି ଭାରତକୁ ଗୌରବନ୍ୱିତ କରିଛନ୍ତି। ବିଶ୍ୱରଞ୍ଜନ ଖୋର୍ଦ୍ଧା ଜିଲ୍ଲା, ଗୁରୁଜଙ୍ଗ ଗ୍ରାମ




ର ଦିଲ୍ଲୀପ କୁମାର ସାହୁ ଓ କଳ୍ପନା ମହାନ୍ତି ଙ୍କ କନିଷ୍ଠ ପୁତ୍ର ଅଟନ୍ତି. ସେ କଟକ ର ଦି ଲ ଆଇନ ମହାବିଦ୍ୟାଳୟ (ସୁକୃତୀ ପ୍ରାପ୍ତ ମଧୁସୂଦନ ଆଇନ ମହାବିଦ୍ୟାଳୟ) ର ଶେଷ ବର୍ଷ ର ଛାତ୍ର ଅଟନ୍ତି. ଦି ଲ ଆଇନ ମହାବିଦ୍ୟାଳୟ ର ଅଧକ୍ଷ ଶ୍ରୀଯୁକ୍ତ ଏସ୍ କେ ରାୟ ଏବଂ ମଧୁସୂଦନ ଆଇନ ମହାବିଦ୍ୟାଳୟ ର କୁଳପତି ଡକ୍ଟର କମଳକ୍ସିଂହ ଙ୍କ ଆଶୀର୍ବାଦ ସହିତ ଜୀବନ ର ଲକ୍ଷ୍ୟ ପଥ ରେ ପହଞ୍ଚିବା ପାଇଁ ପ୍ରେରଣା ଦେଇଛନ୍ତି।

ଭୁବନେଶ୍ୱର ର ମାନ୍ୟବର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ଏବଂ ଖୋର୍ଦ୍ଧା ଜିଲ୍ଲା ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ,ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ବିଶ୍ୱରଞ୍ଜନଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇବା ସହିତ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ. ବିଶ୍ୱରଞ୍ଜନଙ୍କର ଏହି କୃତି ପାଇଁ ସାରା ରାଜ୍ୟରେ ଖୁସି ର ଲହରୀ ଖେଳି ଯାଇଛି। ତାଙ୍କର ଏହି ସଫଳତା ପଛରେ ତାଙ୍କ ଗୁରୁ ଯିଏକି ଏହି ଏସିଆନ୍ ମାର୍ସଲଆର୍ଟ ର ଟାଏକୋଣ୍ଡୋ ପ୍ରତିଯୋଗୀତା ରେ ମୁଖ୍ୟ ବିଚାରକ ହେବା ସହ ୬୦ ବର୍ଷ ବୟସ ବର୍ଗ ରେ ସ୍ୱର୍ଣ୍ଣପଦକ ହାସଲ କରି ଏସିଆ। ମହାଦେଶ ତଥା ଭାରତ ପାଇଁ ଗୌରବାନୀତ କରି ବିଶ୍ୱରଞ୍ଜନଙ୍କୁ ସେ ପ୍ରେରଣା ସହ ଆଶୀର୍ବାଦ ପ୍ରଦାନ କରିଛନ୍ତି।

# ପୁଣି ବିଷ ଓଗାଳିଲେ ଆଫ୍ରିଦି

ଇସଲାମାବାଦ୍,୨୧।୫: ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତିନାମା ପରେ ମଧ୍ୟ ପୂର୍ବତନ ପାକିସ୍ତାନୀ କ୍ରିକେଟର ଶାହିଦି ଆଫ୍ରିଦି ଭାରତ ବିରୋଧରେ ନିରନ୍ତର ପ୍ରଚାର ଚଳାଇଛନ୍ତି ଏହି ସମ୍ପର୍କରେ ଆଫ୍ରିଦ ଏକ ନୂତନ ଭିଡିଓ ଷେୟାର କରିଛନ୍ତି, ଏଥିରେ ସେ ଦାବି କରୁଛନ୍ତି, ସେ ଯେଉଁ ସ୍ଥାନରେ ଠିଆ ହୋଇଛନ୍ତି ତାହା ଏକ ହସ୍ପିଟାଲ ଥିଲା ଏବଂ ଭାରତୀୟ ସେନା ଏଠାରେ ଆକ୍ରମଣ କରିଥିଲା କିନ୍ତୁ ତାଙ୍କର ମିଛ ଏହି ଭିଡିଓରେ ଧରାପଡ଼ିଗଲା।

ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିଥିଲା ଏବଂ ମେ ୭ରେ ପାକିସ୍ତାନ ଏବଂ ପିଓକେରେ ୯ଟି ଆତଙ୍କବାଦୀ ଶିବିର ଉପରେ ବିମାନ ଆକ୍ରମଣ କରିଥିଲା ଏହା ପରେ, ସେନା ଏହି ସୂଚନା ସମସ୍ତଙ୍କ ସହିତ ଶେୟାର କରିଥିଲା ଏବଂ କହିଥିଲା ଯେ ପାକିସ୍ତାନୀ ସେନା କିମ୍ବା ସେଠାରେ ଥିବା ସାଧାରଣ ଲୋକଙ୍କର କୌଣସି କ୍ଷତି ହୋଇନାହିଁ କିନ୍ତୁ ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ



ପରେ ମଧ୍ୟ ପାକିସ୍ତାନୀ ସେନା ସୀମାରେ ନିରନ୍ତର ଗୁଳିମାଡ଼ ଆରମ୍ଭ କରିଦେଇଥିଲା, ଯାହା ଦର୍ଶାଉଛି ଯେ ପାକିସ୍ତାନ ନିଜ ଦେଶରେ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଛି ଏହି ସମୟ ମଧ୍ୟରେ ଶାହିଦ ଆଫ୍ରିଦି ମଧ୍ୟ ଭାରତ ବିରୋଧରେ ବିଷ ଓଗାଳି ଚାଲିଥିଲେ ଏବଂ ମିଥ୍ୟା ପ୍ରଚାର ପ୍ରସାର କରିଥିଲେ।

ଭାଇରାଲ ହେଉଥିବା ଶାହିଦ ଆଫ୍ରିଦିଙ୍କ ଭିଡିଓରେ ସେ ଏକ କୋଠାରେ ପ୍ରବେଶ କରୁଥିବାର ଦେଖାଯାଉଛି ଏହାକୁ ଦେଖିଲେ, ଏଠାରେ ଆକ୍ରମଣ ହୋଇଥିବା ସ୍ପଷ୍ଟ ହୁଏ କାନ୍ଥରେ ଗୁଳି ଚିହ୍ନ ମଧ୍ୟ ଦୃଶ୍ୟମାନ ଜଣେ ବ୍ୟକ୍ତି ସେମାନଙ୍କୁ କହୁଛନ୍ତି, ଏହା ଏକ ହସ୍ପିଟାଲ ଥିଲା ଏବଂ ଦେଖନ୍ତୁ ଆକ୍ରମଣ ପରେ ଏହା କିପରି ନଷ୍ଟ ହୋଇଗଲା ଏହା ଉପରେ ଆଫ୍ରିଦି କୁହନ୍ତି, ଏଠାରେ ପ୍ରମାଣ ଅଛି ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ଆମ ହସ୍ପିଟାଲରେ କରାଯାଇଥିଲା।

ଯଦିଓ ପାକିସ୍ତାନ ଏବଂ ସେମାନଙ୍କ ପରି ଲୋକଙ୍କଠାରୁ ସତ୍ୟ ଆଶା କରାଯାଇ ପାରିବ ନାହିଁ, କିନ୍ତୁ ଏହି ଭିଡିଓରେ ଲୋକମାନେ ତାଙ୍କ ମିଛ ଧରିପାରିଲେ। ଭାଇରାଲ ଭିଡିଓରେ ୟୁଜର୍ସ ପଚାରିଛନ୍ତି, ସେଠାରେ ରଖାଯାଇଥିବା ବିଛଣା, ହ୍ୱିଲଚେୟାର ଏବଂ କାନ୍ଥରେ ପୋଷ୍ଟର ନୂଆ କାହିଁକି ? ଏହାର ଅର୍ଥ ହେଉଛି ଯଦି ଆକ୍ରମଣରେ ସବୁକିଛି ନଷ୍ଟ ହୋଇଗଲା ତେବେ ଏସବୁ ନୂଆ କାହିଁକି ?।

# ପ୍ରଶଂସକଙ୍କୁ ଲାମ୍ବୋର୍ଗିନୀ ଦେଲେ ରୋହିତ

ମୁମ୍ବାଇ,୨୧।୫: ଭାରତୀୟ କ୍ରିକେଟ ଦଳର ଅଧିନାୟକ ତଥା ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ଖେଳାଳି ପ୍ରତିଯୋଗିତାର ବିଜେତା ଯୁବରାଜ ୱାଘଙ୍କୁ ଉପହାର ଦେଇଛନ୍ତି।ଏହି ଘଟଣା ମେ ୧୯, ୨୦୨୫ରେ ଏକ ପ୍ରମୋସନାଲ ଇଭେଣ୍ଟ ସମୟରେ ଘଟିଛି, ଯାହାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହୋଇଛି।



ରୋହିତଙ୍କ ଏହି ଲାମ୍ବୋର୍ଗିନୀ କେବଳ ଏକ ବିଳାସପୂର୍ଣ୍ଣ ଗାଡ଼ି ନୁହେଁ, ବରଂ ତାଙ୍କ କ୍ୟାରିଅରର ଏକ ପ୍ରତୀକ ଗାଡ଼ିର ନମ୍ବର ପ୍ଲେଟରେ ୦୨୬୪ ଲେଖାଯାଇଛି, ଯାହା ରୋହିତଙ୍କ ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିବା ରେକର୍ଡବ୍ରେକିଂ ୨୬୪ ରନର ଇନିଂସକୁ ସୂଚାଇଛି। ଏହି ଇନିଂସ ବିଶ୍ୱକ୍ରିକେଟରେ ଏକ ବ୍ୟକ୍ତିଗତ ସର୍ବୋଚ୍ଚ ସ୍କୋର ଭାବେ ଇତିହାସରେ ସ୍ଥାନ ପାଇଛି।ଏହି ଗାଡ଼ିକୁ ରୋହିତ ମୁମ୍ବାଇର ରାସ୍ତାରେ ଅନେକ ଥର ଚଳାଉଥିବା ଦେଖାଯାଇଛି, ଯାହା ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ।

ରୋହିତ ଶର୍ମା ଏକ ହୃଦୟସ୍ପର୍ଶୀ ଅଙ୍ଗଭଙ୍ଗୀରେ ସମସ୍ତଙ୍କ ମନ ଜିଣିଛନ୍ତି। ସେ ନିଜର ଆଇକନିକ ନୀଳ ଲାମ୍ବୋର୍ଗିନୀ ଉରୁସ, ଯାହାର ମୂଲ୍ୟ ପ୍ରାୟ ୪ କୋଟି ଟଙ୍କା, ଡ୍ରିମ୍୧୧ ଫ୍ୟାଣ୍ଟାସି କ୍ରିକେଟ

## ଚାମ୍ପିଅନ୍ସ ଟ୍ରଫି କାର୍ଯ୍ୟକ୍ରମ ଦେଖିଲେ ରେକର୍ଡ ଦର୍ଶକ

ନୂଆଦିଲ୍ଲୀ,୨୧।୫: ଭାରତୀୟ କ୍ରିକେଟ୍ ଦଳ ୨୦୨୫ ଚାମ୍ପିଅନ୍ସ ଟ୍ରଫି ଜିତି ୧୨ ବର୍ଷ ପୁରୁଣା ସ୍ମୃତିକୁ ତାଜା କରିଥିଲା ଏହି ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆ କୌଣସି ମ୍ୟାଚ୍ ହାରି ନଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଅନେକ ନୂତନ ରେକର୍ଡ ସୃଷ୍ଟି ହୋଇଥିଲା ଏବଂ ପୁରୁଣା ରେକର୍ଡ ଭାଙ୍ଗି ଯାଇଥିଲା। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟ ପରିଷଦର ଏହି ଟୁର୍ଣ୍ଣାମେଣ୍ଟରେ ଏପରି ଏକ ରେକର୍ଡ ସୃଷ୍ଟି ହୋଇଛି, ଯାହା ଆଇସିସି ଅଧ୍ୟକ୍ଷ ଜୟ ଶାହ ପ୍ରକାଶ କରିଛନ୍ତି।ଜୟ ଶାହ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ସାରା ବିଶ୍ୱରେ ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମ ମଧ୍ୟରୁ ସର୍ବାଧିକ ଦେଖାଯାଇଥିଲା। ଆଇସିସି ଅଧ୍ୟକ୍ଷ ଜୟ ଶାହ ତାଙ୍କ ଏକ୍ସ ଆକାଉଣ୍ଟରେ ଏକ ପୋଷ୍ଟ ମାଧ୍ୟମରେ ଲେଖିଛନ୍ତି ଯେ ମୁଁ ଖୁସିର ସହିତ ଜଣାଉଛି ଯେ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ଏହି ସିଜିନ୍ ସବୁଠାରୁ ଅଧିକ ଦେଖାଯାଇଥିବା ସଂସ୍କରଣ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟକୁ ୩୬୮ ବିଲିୟନ ଥର ଦେଖାଯାଇଛି, ଯାହା ୨୦୧୭ ତୁଳନାରେ ୧୯ ପ୍ରତିଶତ ଅଧିକ। ଜୟ ଶାହ ତାଙ୍କ ପୋଷ୍ଟରେ ଆଉ ଏକ ସୂଚନା ଦେଇ କହିଛନ୍ତି ଯେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌କୁ ୬୫.୩ ବିଲିୟନ ଥର(ଭ୍ୟୁଇଂ ମିନିଟ) ଦେଖିବାର ସମୟ ମିଳିଥିଲା,।

# ମୁମ୍ବାଇ ଇଣ୍ଡିଆନ୍ସ ଦଳରେ ବେୟାରଷ୍ଟୋ

ନୂଆଦିଲ୍ଲୀ,୨୧।୫: ୨୦୨୫ ଏବେ ଏହାର ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି ଲିଗ ପର୍ଯ୍ୟାୟରେ ଆଉ ମାତ୍ର କିଛି ମ୍ୟାଚ୍ ବାକି ଅଛି ଏହା ପରେ ପ୍ଲେଅଫ ମ୍ୟାଚ ଖେଳାଯିବ। କିନ୍ତୁ ସମ୍ପ୍ରତି ବିସିସିଆଇ ଆଇପିଏଲ୍ ୨୦୨୫ର କାର୍ଯ୍ୟସୂଚୀ ପରିବର୍ତ୍ତନ କରିଛି। ଫଳରେ କିଛି ବିଦେଶୀ ଖେଳାଳି ଜାତୀୟ ଦାୟିତ୍ୱ ହେତୁ ପ୍ଲେଅଫ୍ ମ୍ୟାଚ୍ ଖେଳିପାରିବେ ନାହିଁ। ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟ ଏହା ଦ୍ୱାରା ବହୁତ ପ୍ରଭାବିତ ହୋଇଛି।ଏଥିଯୋଗୁ ଦଳରେ କିଛି ପରିବର୍ତ୍ତନ ହୋଇଛି ଜଣେ ଖେଳାଳି ଯାହାଙ୍କ ବାପା ଆତ୍ମହତ୍ୟା କରିଥିଲେ, ସେ ମୁମ୍ବାଇ ଦଳରେ ଏଣ୍ଟ୍ରି କରିଛନ୍ତି।

ମୁମ୍ବାଇ ଦଳରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦଳର ଗୁରୁତ୍ୱପୂର୍ଣ୍ଣ ଖେଳାଳି। ୱିଲ ଜ୍ୟାକ୍ସ ଜାତୀୟ ଦାୟିପାଇଁ ଶେଷ ଲିଗ୍ ମ୍ୟାଚ୍ ପରେ ଦଳ ଛାଡିବାକୁ ଯାଉଛନ୍ତି। ତାଙ୍କ ସ୍ଥାନରେ ଇଂଲଣ୍ଡର ଉଇକେଟକିପର-




ବ୍ୟାଟସମ୍ୟାନ ଜନି ବେୟାରଷ୍ଟୋଙ୍କୁ ଏବେ ସାମିଲ କରାଯାଇଛି।ବେୟାରଷ୍ଟୋ ୫.୨୫ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସରେ ଯୋଗଦେବେ। ବେୟାରଷ୍ଟୋ ତାଙ୍କର ଆକ୍ରମଣାତ୍ମକ ବ୍ୟାଟିଂ ଏବଂ ଉତ୍କୃଷ୍ଟ ୱିକେଟକିପିଂ ପାଇଁ ଜଣାଶୁଣା ହୋଇଥିବାରୁ ଫ୍ରାଞ୍ଚାଇଜ ପାଇଁ ଏହି ପରିବର୍ତ୍ତନ ଗୁରୁତ୍ୱପୂର୍ଣ୍ଣ। ଜନି ବେୟାରଷ୍ଟୋଙ୍କ ବାପା ଡେଭିଡ ବେୟାରଷ୍ଟୋ ମଧ୍ୟ ଜଣେ କ୍ରିକେଟର ଥିଲେ ଏବଂ ସେ ମଧ୍ୟ ୱିକେଟକିପିଂ କରୁଥିଲେ। ଅବସର ପରେ, ଡେଭିଡ ବେୟାରଷ୍ଟୋ ବହୁତ ଡିପ୍ରେସନରେ ଥିଲେ ଏବଂ ୧୯୯୮ ମସିହାରେ, ସେ ନିଜ ଘରେ ଫାଶୀ ଦେଇ ଆତ୍ମହତ୍ୟା କରିଥିଲେ। ସେତେବେଳେ ଜନି ମାତ୍ର ୯ ବର୍ଷ ବୟସର ଥିଲେ ଏହା ତାଙ୍କ ଏବଂ ତାଙ୍କ ପରିବାର ପାଇଁ ଏକ ବଡ଼ ଧକ୍କା ଥିଲା। ସେ ଇଂଲଣ୍ଡ ପାଇଁ ୪ଟି ଟେଷ୍ଟ ମ୍ୟାଚ ଏବଂ ୨୧ଟି ଦିନିକିଆ। ମ୍ୟାଚ ଖେଳିଥିଲେ।

# ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଖେଳାଳୀଙ୍କ କୋଚିଂ

ନବରଙ୍ଗପୁର,୨୧।୫: ସ୍ଥାନୀୟ ଷ୍ଟାଡିୟମ୍ ଠାରେ ନବରଙ୍ଗପୁର ଜିଲ୍ଲା କ୍ରୀଡା ସଂଘର ଆନୁକୂଲ୍ୟରେ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ କ୍ରୀଡା ନିମନ୍ତେ ୪୦ ଜଣ ଖେଳାଳିଙ୍କୁ ନେଇ ଏକ କୋଚିଂ କେଂପ୍ ଆରମ୍ଭ ହୋଇଛି।

ସୂଚନା ଯୋଗ୍ୟ ଯେ ଉମରକୋଟ ଠାରେ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ମୁଖ୍ୟମନ୍ତ୍ରୀ କପ୍ ଫୁଟବଲ୍ ଲିଗ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଚୟନ ହୋଇଥିବା ୪୦ ଜଣଙ୍କୁ ନେଇ କୋଚିଂ କେମ୍ପ୍ ଆରମ୍ଭ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂଘର ସଂପାଦକ ପ୍ରହଲ୍ଲାଦ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ କୋଚିଂ କେମ୍ପ ର ଶୁଭାରମ୍ଭ କରିଥିଲେ୍ୟ ଏହି ଅବସରରେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ଉପ ସଭାପତି ଏମ. ବାଲା କୃଷ୍ଣ ରାଓ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା କ୍ରୀଡା ଅଧିକାରୀ ସମୀର କୁମାର ପାତ୍ର, ସନ୍ତୋଷ ଟ୍ରଫି ଖେଳାଳୀ ତଥା ପ୍ରାକ୍ତନ ଫୁଟବଲ୍ ଖେଳାଳୀ ପ୍ରଶାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି କୋଚିଂ କେମ୍ପରେ ବରିଷ୍ଠ ପ୍ରାକ୍ତନ ଫୁଟବଲ୍ ଖେଳାଳୀ ଦୂର୍ଯ୍ୟ ହରିଜନ, ଫିରଜ୍ ହିଆଲ , ଲାଲୁ ହରିଜନ ଏବଂ ରଇଲା ଭତରା କ୍ରୀଡାବିତମାନଙ୍କୁ ଫୁଟବଲ୍ ସମ୍ପର୍କିତ ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦେବେ । ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟିରେ ରଖି ଏହି ପ୍ରଶିକ୍ଷଣ ଦିବା



୬ ଘଣ୍ଟା ୩୦ ମିନିଟ ରୁ ୯ ଘଣ୍ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଉଛି। ସୂଚନା ଯୋଗ୍ୟ ଯେ ସପ୍ତାହ ବ୍ୟାପି ଉକ୍ତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ ଏବଂ ପରିଶେଷରେ ଏକ ୨୨ ଜଣିଆ। ନବରଙ୍ଗପୁର ଜିଲ୍ଲା ଦଳ ଘୋଷଣା ହେବ ଏବଂ ଉକ୍ତ ଦଳ ବ୍ରହ୍ମପୁର ଠାରେ ଗଞ୍ଜାମ ଏବଂ କୋରାପୁଟ ଜିଲ୍ଲା ଦଳ ସହ ଖେଳିବେ। ସଂଘର କ୍ରିକେଟ ସମ୍ପାଦକ ଅଶୋକ ନାୟକ, ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ